ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.29 Bhubaneswar Saturday, March 05, 2022 | ୨୫ତମ ବର୍ଷ ସଂଖ୍ୟା-୨୯ ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୦୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS



ପ୍ରବାଦ ପୁରୁଷ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜନ୍ମ ବାର୍ଷିକ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

## କ୍ରିକେଟର୍ ଶେନ୍ ୱାର୍ଣ୍ଣଙ୍କ ପରଲୋକ

ମେଲବର୍ଣ୍ଣ,୪ ।୩: ଅଷ୍ଟ୍ରେଲିଆର କିମ୍ବଦନ୍ତୀ କ୍ରିକେଟର୍ ଶେନ୍ ୱାର୍ଣ୍ଣଙ୍କ ପରଲୋକ ହୋଇଛି । ଥାଇଲାଣ୍ଡରେ ହୃଦଘାତରେ ୱାର୍ଣ୍ଣଙ୍କ ପରଲୋକ ହୋଇଥିବା ତାଙ୍କ ମ୍ୟାନେଜମେଣ୍ଟ ଏକ ସଂକ୍ଷିପ୍ତ ବିବୃତିରେ କହିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା । ୱାର୍ଣ୍ଣଙ୍କ ଦେହାନ୍ତ ଖବର ପାଇଁ କ୍ରିକେଟ୍ ଜଗତ ସ୍ତବ୍ଧ ହୋଇପଡିଛି । ତାଙ୍କ ପରଲୋକ କ୍ରିକେଟ୍ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ।କିଛି ଘଣ୍ଟା ତଳେ ୱାର୍ଣ୍ଣ ନିଜ ଦେଶର କ୍ରିକେଟର୍ ରଡନୀ ମାର୍ଶଙ୍କ ଦେହାନ୍ତରେ ଟ୍ୱିଟ୍ କରି ଦୁଃଖ ପ୍ରକାଶ କରିଥିଲେ । କିନ୍ତୁ ଏହା ତାଙ୍କ ଜୀବନର ଶେଷ ଟ୍ୱିଟ୍ ହେବ ବୋଲି କେହି ଭାବିନଥିବେ ।ୱାର୍ଣ୍ଣ ଥାଇଲାଣ୍ଡର ଏକ ଭିଲ୍ଲାରେ ଥିଲେ, ଯେଉଁଠାରେ ଶନିବାର ସକାଳ (ଅଷ୍ଟ୍ରେଲିଆ ସମୟାନୁସାରେ) ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । କିନ୍ତୁ ଡାକ୍ତରୀ ଦଳର ଆପ୍ରାଣ ଉଦ୍ୟମ ସତ୍ତ୍ୱେ ତାଙ୍କୁ ବଞ୍ଚାଯାଇ ପାରିନଥିଲା । ହୃଦଘାତରେ ତାଙ୍କର ଦେହାନ୍ତ ହୋଇଥିବା ଅନୁମାନ କରାଯାଉଛି । ଉଭୟ ଦିନିକିଆ ଓ ଟେଷ୍ଟରେ ଶେନ୍ ୱାର୍ଣ୍ଣ ୧୦୦୧ଟି ୱିକେଟ୍ ନେଇଥିଲେ । ସେ ୧୪୫ଟି ଟେଷ୍ଟରୁ ୭୦୮ଟି ୱିକେଟ୍ ପାଇଥିଲେ । ଏହି ଫର୍ମାଟ୍‌ରେ ସେ ୩,୧୫୪ ରନ୍ ମଧ୍ୟ କରିଥିଲେ । ସେହିପରି ଶେନ୍ ୱାର୍ଣ୍ଣ ୧୯୪ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳି ୨୯୩ଟି ୱିକେଟ୍ ହାସଲ କରିଥିଲେ । ଦିନିକିଆରେ ସେ ୧,୦୧୮ ରନ୍ କରିଥିଲେ ।ଟେଷ୍ଟ୍ ମ୍ୟାଚ୍‌ରେ ଶେନ୍ ୱାର୍ଣ୍ଣଙ୍କ ବୋଲିଂ ଆଭେରେଜ ୨୫.୪୧ ରହିଥିଲା । ସେହିଭଳି ଦିନିକିଆରେ ଏହା ୨୫.୭୩ ରହିଥିଲା । ସେ ଟେଷ୍ଟ୍ ମ୍ୟାଚ୍‌ରେ ୩୭ ଥର ୫ଟି ୱିକେଟ୍ ନେଇଥିଲେ । ୭୧ ରନ୍‌ରେ ୮ ୱିକେଟ୍ ଥିଲା ଏହି ଫର୍ମାଟ୍‌ରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ । ସେହିପରି ଦିନିକିଆରେ ୩୩ ରନ୍‌ରେ ୫ଟି ୱିକେଟ୍ ? ଥିଲା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ।



## ବିଏମସି ପାଇଁ ପ୍ରଥମ ପର୍ଯ୍ୟାୟ କର୍ପୋରେଟର ପ୍ରାର୍ଥୀ ତାଲିକା ଘୋଷଣା କଲା କଂଗ୍ରେସ




ଭୁବନେଶ୍ୱର, ୪ ।୩(ପି.ଏନ): ଚଳିତ ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ପାଇଁ ସମସ୍ତ ଦଳକୁ ପଛରେ ପକାଇ କଂଗ୍ରେସ ଆଜି ମେୟର ପ୍ରାର୍ଥୀନୀ ଶ୍ରୀମତୀ ମଧୁସ୍ମିତା ଆଚାର୍ଯ୍ୟଙ୍କ ନାମ ଘୋଷଣା କରିଛି । ସେହିପରି ଶୁକ୍ରବାରି ଅପରାହ୍ନରେ ପ୍ରଥମ ପର୍ଯ୍ୟାୟରେ ୩୦ ଜଣିଆ କର୍ପୋରେଟର ପ୍ରାର୍ଥୀ ତାଲିକା ଘୋଷଣା କରିଛି । କାଜଲ ମଣ୍ଡଳ ୱାର୍ଡ ନଂ -୧ ,ସୁକାନ୍ତି ଜେନା ୱାର୍ଡ ନଂ -୩ , ପ୍ରଦୀପ କୁମାର ପଟ୍ଟନାୟକ ୱାର୍ଡ ନଂ -୪ , ସୁଜିତ କୁମାର ସାହୁ ୱାର୍ଡ ନଂ -୬ , ମନୋଜ କୁମାର ମହାପାତ୍ର ୱାର୍ଡ ନଂ -୭, ଶ୍ରୀଧର ବଳିଆର ସିଂ ୱାର୍ଡ ନଂ - ୧୦ ,ଶୈଳବାଳା ମହାପାତ୍ର ୱାର୍ଡ ନଂ -୧୩ , ସୁପ୍ରିୟା ମହାପାତ୍ର ୱାର୍ଡ ନଂ -୧୪, ଲିପ୍ସା ମହାନ୍ତି ୱାର୍ଡ ନଂ -୧୫ , ନଗମା ଖାତୁନ ୱାର୍ଡ ନଂ -୧୬ , ନିବାସ କୁମାର ଭୋଇ ୱାର୍ଡ ନଂ - ୧୮, ମଂଟୁ ମଲ୍ଲିକ ୱାର୍ଡ ନଂ -୨୪ , ପବିତ୍ର ଦାସ ୱାର୍ଡ ନଂ -୨୫ . ପଦ୍ମିନୀ ମାରାଣ୍ଡିୱାର୍ଡ ନଂ -୨୬, ଅନିଲ କୁମାର ଦାସ ୱାର୍ଡ ନଂ -୨୭, ଅଞ୍ଜଳି ସାହୁ ୱାର୍ଡ ନଂ -୨୮, ସ୍ମୃତି ରଞ୍ଜନ ତ୍ରିପାଠୀ ୱାର୍ଡ ନଂ - ୩୦, ମମତା ମଲ୍ଲିକ ୱାର୍ଡ ନଂ -୩୫, ଲିଜା ମହାନ୍ତି ୱାର୍ଡ ନଂ - ୩୯, ପ୍ରତିମା ମହାନ୍ତି ୱାର୍ଡ ନଂ -୪୧, ପ୍ରଭାତ କୁମାର ପ୍ରତାପ ସିଂ ୱାର୍ଡ ନଂ -୪୪, ବିଭୁ ପ୍ରସାଦ ଜେନା ୱାର୍ଡ ନଂ - ୫୦, ନିବାସୀ ଦେଇ ୱାର୍ଡ ନଂ - ୫୩, ପୁଷ୍ପିତା ଦାସୱାର୍ଡ ନଂ -୫୪, ସଂଜୟ କୁମାର ପରିଡ଼ା ୱାର୍ଡ ନଂ -୫୬ , ମିହିର ରଞ୍ଜନ ଆଚାର୍ଯ୍ୟ ୱାର୍ଡ ନଂ -୫୭, ଦେବୀ ପ୍ରସାଦ ସ୍ୱାଇଁ ୱାର୍ଡ ନଂ -୫୯, ନାରାୟଣ ଜେନା ୱାର୍ଡ ନଂ -୬୧, ନିତିଶା ମହାନ୍ତି ୱାର୍ଡ ନଂ -୬୩ ଏବଂ ଶିବାନୀ ଶିବଦର୍ଶନୀ ମହାନ୍ତି ୱାର୍ଡ ନଂ -୬୭ ଙ୍କ ନାମ ଘୋଷଣା କରାଯାଇଛି ।

### ମଧୁସ୍ମିତା ଆଚାର୍ଯ୍ୟ କଂଗ୍ରେସର ବିଏମସି ମେୟର ପ୍ରାର୍ଥୀ

ଭୁବନେଶ୍ୱର, ୪ ।୩(ପି.ଏନ): ମଧୁସ୍ମିତା ଆଚାର୍ଯ୍ୟ ଭୁବନେଶ୍ୱର ମହାନଗର ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହେବେ । କଂଗ୍ରେସ ଦଳ ପକ୍ଷରୁ ଏ ନେଇ ଘୋଷଣା କରାଯାଇଛି । ବିଧାୟକ ତଥା ବରିଷ୍ଠ ନେତା ସୁର ରାଉତରାୟ ଏହି ଘୋଷଣା କରିଛନ୍ତି ।କଂଗ୍ରେସ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମଧୁସ୍ମିତା ଜଣେ ଉଚ୍ଚଶିକ୍ଷିତା, ଯୁବ ଉଦ୍ୟୋଗୀ, କ୍ରୀଡ଼ାବିତ୍, ଓଡ଼ିଶୀ ନୃତ୍ୟ ଶିଳ୍ପୀ । କଲେଜ ଜୀବନରେ ମଧ୍ୟ ରାଜନୀତିରେ ଜଡିତ ଥିଲେ । ସେ ଧର୍ମଶାଳାର ପୂର୍ବତନ କଂଗ୍ରେସ ବିଧାୟକ କାଙ୍ଗାଳୀ ପଣ୍ଡାଙ୍କ ବୋହୂ । କାଙ୍ଗାଳୀ ପଣ୍ଡା ନିର୍ବାଚନ ଲଢ଼ିବା ସମୟରେ ମଧୁସ୍ମିତା ନିର୍ବାଚନ ପରିଚାଳନାରେ ସହାୟତା କରୁଥିଲେ । ସେ ଦୃଷ୍ଟିକୋଣରୁ କଂଗ୍ରେସ ତାଙ୍କ ଉପରେ ଭରସା କରିଛି ।

### ଠିକାଦାରଙ୍କ ଠାରୁ ଲାଂଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଲେ କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର, ୪ ।୩(ପି.ଏନ): ଠିକାଦାରଙ୍କ ଠାରୁ ଲାଂଚ ନେଇ ଜଣେ କନିଷ୍ଠ ଯନ୍ତ୍ରୀ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆ ଯାଇଛି ।ଭିଜିଲାନ୍ସ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଶୁକ୍ରବାର ଅପରାହ୍ନରେ, ଶ୍ରୀ ଦେବେନ୍ଦ୍ର ରାଉତ, କନିଷ୍ଠ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ, (ବିଭାଜନ-୧), ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ, ଜଣେ ଠିକାଦାରଙ୍କ ଠାରୁ ବିଲ ପ୍ରଦାନ ବାବଦରେ ୧୫୦୦୦ ଲାଂଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଧରାହୋଇଛନ୍ତି ।

### ଜାରକା ଛକରେ ଦୁର୍ଘଟଣା; ସ୍ୱାମୀଙ୍କ ଆଗରେ ଚାଲିଗଲା ଶାଶୁଙ୍କ ଜୀବନ

ଚଣ୍ଡିଖୋଲ ୪ ।୩(ପି.ଏନ): ୧୬ନଂ ଜାତୀୟ ରାଜପଥ ଜାରକା ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଟ୍ରକ ଚାପାରେ ମହିଳାଙ୍କ ମୃତ୍ୟୁ । ମୃତ ମହିଳା ହେଲେ କେନ୍ଦ୍ରାପଡ଼ା ଅଞ୍ଚଳର ବନିତା ରାଉତ ।ନିଜ ଜ୍ୱାଇଁ ପ୍ରଶାନ୍ତ ସାହୁଙ୍କ ସହ ମହିଳା ଜଣକ ସ୍କୁଟି ଯୋଗେ ଯାଜପୁରରୋଡ଼ ଧବଳଗିରି ଅଞ୍ଚଳକୁ ଯିବା ସମୟରେ ଜାରକା ଛକ ନିକଟରେ ଭାରସାମ୍ୟ ହରାଇ ସ୍କୁଟିରୁ ଖସି ପଡ଼ିଥିଲେ ।

## ଖାଇବା ତେଲର କୃତ୍ରିମ ସଙ୍କଟ ଓ କଳାବଜାରୀ ରୋକିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ: ମନ୍ତ୍ରୀ

ଭୁବନେଶ୍ୱର,୪ ।୩(ପି.ଏନ): ସାଂପ୍ରତିକ ୟୁକ୍ରେନ ଓ ରୁଷିଆ ଯୁଦ୍ଧ ପରିସ୍ଥିତିରେ ଖାଇବା ତେଲର ଦରବୃଦ୍ଧି ଘଟିବାରେ ଲାଗିଛି । ଏହାକୁ ନେଇ ରାଜ୍ୟର ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦବେଗ ପ୍ରକାଶ କରିବା ସହ ଖାଇବା ତେଲର କୃତ୍ରିମ ସଙ୍କଟ ଓ କଳାବଜାରୀ ରୋକିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିବା ସୂଚନା ଦେଇଛନ୍ତି । ଶ୍ରୀ ସ୍ୱାଇଁ ଟ୍ୱିଟ କରି କହିଛନ୍ତି ଯେ - ସାଂପ୍ରତିକ ଯୁଦ୍ଧ ପରିସ୍ଥିତିରେ ଅନେକ ଦେଶ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରଭାବିତ ହେଉଛନ୍ତି ଏବଂ ଆଗାମୀ ଦିନରେ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏହି ପରିପ୍ରେକ୍ଷୀରେ ଦେଶରେ ଖାଇବା ତେଲ, ବିଶେଷ ଭାବେ ସୂର୍ଯ୍ୟମୁଖ୍ୟ ତେଲର ଦର ବଢିବା ଆଶଙ୍କା ରହିଛି । ବଜାରରେ ଏହାର ପ୍ରଭାବ ଅନୁଭୂତ ହେବା ଆରମ୍ଭ ହୋଇଛି ।କୃତ୍ରିମ ସଙ୍କଟ ଏବଂ କଳାବଜାରୀ ରୋକିବା ସହ ଖାଇବା ତେଲର ଅନବରତ ଯୋଗାଣ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି ।ସେ କହିଛନ୍ତି ଯେ କେନ୍ଦ୍ର ସରକାର ଖାଇବା ତେଲ ଉପରେ ସଂଗ୍ରହ କରୁଥିବା ଆମଦାନୀ ଏବଂ ଅନ୍ୟାନ୍ୟ ଶୁଳ୍କ ଅତିକମରେ ସାମୟିକ ଭାବେ ହ୍ରାସ କରିବା ଉଚିତ । ନ ହେଲେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ଦରବୃଦ୍ଧି ସହ ଖାଇବା ତେଲର ଦରବୃଦ୍ଧି ଗରିବ, ଚାଷୀ, ମୁଲିଆ, ଖଟିଖିଆ ଏପରିକି ମଧ୍ୟବିତ୍ତ ପରିବାରଙ୍କ ପାଇଁ ଦୁର୍ବିସହ ହୋଇଯିବ ।

## କେନ୍ଦୁଝର ମାଙ୍କଡଚୁଆ ସଂରକ୍ଷିତ ଜଙ୍ଗଲ ଜଳୁଛି : ବନ୍ୟପ୍ରାଣୀ ବାସସ୍ଥାନ ଛାଡି ଗାଁ ମୁହାଁ

ନ୍ଦୁଝର,୪।୩(ପି.ଏନ) : ତେଲକୋଇ ରେଞ୍ଜ ବିମଳା ସେକ୍ସନ କରଦାଙ୍ଗି ପଂଚାୟତ ଅଧିନସ୍ଥ ଶ୍ରୀଧରପୁର ଗାଁ ନିକଟ ମାଙ୍କଡଚୁଆ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଛି । ଜଙ୍ଗଲ ନିଆଁରେ ଔଷଧିୟ ଗୁଳ୍ମ ଜଳି ପାଉଁଶ ହୋଇଗଲାଣି । ସରିସୃପ ପ୍ରାଣୀ ମଧ୍ୟ ପ୍ରଭାବିତ ହୋଇଛନ୍ତି । ମାର୍ଚ୍ଚ ମାସ ଆରମ୍ଭରୁ ନିଆଁ ଆଁରେ ତେଲକୋଇ ବନାଞ୍ଚଳ । ବନ ବିଭାଗ ର ଦାୟିତ୍ୱହୀନତା ଏବଂ ପ୍ରତିଷେଧକ ବ୍ୟବସ୍ଥା ନିଆଯାଇନଥିବାରୁ ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡିଛି । ମାଙ୍କଡଚୁଆ ସଂରକ୍ଷିତ ଜଙ୍ଗଲ ଜଳୁଥିବାରୁ ବନ୍ୟପ୍ରାୟୀ ବିପଦରେ ପଡିଛନ୍ତି । ନିଆଁ ଲାଗିଥିବାରୁ ଜଙ୍ଗଲରେ ଥିବା ବାରାହା,କୁଟୁରା,ସମ୍ବର,ହରିଣ,ଭାଲୁ,ଝିଙ୍କ ଆଦି ବାସସ୍ଥାନ ହରାଇ ଗାଁ ମୁହାଁ ହେଉଥିବାରୁ ଶୀକାରୀ ସକ୍ରୀୟ ହୋଇପଡିଛନ୍ତି । ନିଆଁକୁ ଆୟତ୍ତ କରିବାକୁ ବନ ବିଭାଗ ଉଦ୍ୟମ ଜାରୀ ରଖିଛି । କେନ୍ଦୁଝରରେ ପିସିସିଏଫଙ୍କ ଗସ୍ତ ଥିବା ସମୟରେ ଜଙ୍ଗଲରେ ନିଆଁ ଲାଗିଥିବାରୁ ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନ ଉଠିଛି । ଜିଲ୍ଲାରେ ନିଆଁ ଲିଭା ସ୍କାର୍ଡ କର୍ମଚାରୀ ଘରୋଇ କାମ ସହ ବନୀକରଣ ସଫେଇ କାର୍ଯ୍ୟରେ ନିୟୋଜିତ କରାଯାଉଥିବାରୁ ନିଆଁ ଲିଭା କାର୍ଯ୍ୟ ଠିକ୍ ଭାବରେ ହୋଇପାରୁନାହିଁ । ଏପରିକି ବିଭାଗୀୟ ଅଧିକାରୀଙ୍କ ଘରେ ବହୁ ନିଆଁ ଲିଭା ସ୍କାର୍ଡ କର୍ମଚାରୀ ଘରୋଇ କାମ କରୁଛନ୍ତି । ପିସିସିଏଫ ଶିଶିର କୁମାର ରଥ ଏହାର ତଦନ୍ତ ପୂର୍ବକ କାର୍ଯ୍ୟନୁଷ୍ଠାନ ନେବାକୁ ଦାବୀ ହୋଇଛି ।



## ୟୁକ୍ରେନ୍ ଫେରନ୍ତା ଛାତ୍ରଛାତ୍ରୀଙ୍କ ଶିକ୍ଷା ପାଇଁ ସ୍ୱତନ୍ତ୍ର ନୀତି ପ୍ରସ୍ତୁତ କରିବାକୁ କନ୍ଧମାଳ ସାଂସଦଙ୍କ ଅନୁରୋଧ




ଭୁବନେଶ୍ୱର,୪ ।୩(ପି.ଏନ): ସଂପ୍ରତି ୟୁକ୍ରେନ୍ ଓ ଋଷ ମଧ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ବହୁ ଭାରତୀୟ ଛାତ୍ରଛାତ୍ରୀ ନିଜ ଦେଶକୁ ଫେରିବାକୁ ବାଧ୍ୟ ହୋଇଛନ୍ତି । ଯୁଦ୍ଧ ଯୋଗୁଁ ୟୁକ୍ରେନରେ ପଢୁଥିବା ପ୍ରାୟ ୧୮ ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି । ଏ ନେଇ ଚିନ୍ତା ପ୍ରକଟ କରିଛନ୍ତି କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ । ବିଶେଷ କରି ୟୁକ୍ରେନରେ ଡାକ୍ତରୀ ପଢୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଶ୍ରୀ ସାମନ୍ତ ଚିନ୍ତା ପ୍ରକଟ କରିଛନ୍ତି । ୟୁକ୍ରେନରେ ପଢୁଥିବା ଏହି ଛାତ୍ରଛାତ୍ରୀଙ୍କୁ ଭାରତରେ ଶିକ୍ଷା ଜାରି ରଖିବା ନିମନ୍ତେ ସ୍ୱତନ୍ତ୍ର ନୀତି ପ୍ରସ୍ତୁତ କରି ସେମାନଙ୍କୁ ଡାକ୍ତରୀ ଶିକ୍ଷା ପ୍ରଦାନ କରିବା ଦିଗରେ ସହାୟକ ହେବାକୁ ଶ୍ରୀ ସାମନ୍ତ କେନ୍ଦ୍ର ସରକାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କୁ ଅନୁରୋଧ କରିଛନ୍ତି । ସ୍ୱଦେଶ ଫେରିଥିବା ସମସ୍ତ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ନୀତି ପ୍ରସ୍ତୁତ କରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଖର୍ଚ୍ଚରେ ଦେଶର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ କଲେଜରେ ସେମାନଙ୍କ ଡାକ୍ତରୀ ଶିକ୍ଷା ଜାରି ରଖିବା ନିମନ୍ତେ ସୁଯୋଗ ଦେବାକୁ ଶ୍ରୀ ସାମନ୍ତ ଅନୁରୋଧ କରିଛନ୍ତି । ଭାରତରେ ମୋଟ ୬୦୫ ମେଡିକାଲ କଲେଜ ମଧ୍ୟରୁ ୩୨୫ଟି ଘରୋଇ ମେଡିକାଲ୍ କଲେଜ ରହିଛି । ପ୍ରତି କଲେଜରେ ପ୍ରଥମ ବର୍ଷରୁ ଶେଷ ବର୍ଷ ଏବଂ ଇଣ୍ଟର୍ନସିପରେ ହାରାହାରି ୩୦ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ନିଆଯାଇପାରିବ । ଏଥି ପାଇଁ ପ୍ରତ୍ୟେକ ମେଡିକାଲ୍ କଲେଜରେ ଥିବା ଭିତ୍ତିଭୂମି ଉପରେ ଅଧିକ ବୋଝ ପଡ଼ିବ ନାହିଁ ବୋଲି ଶ୍ରୀ ସାମନ୍ତ ଆକଳନ କରିଛନ୍ତି । ଫଳରେ ବହୁ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଉପକୃତ ହୋଇପାରିବେ ବୋଲି ସାଂସଦ ଶ୍ରୀ ସାମନ୍ତ କହିଛନ୍ତି । ଗୁରୁବାର ନୂଆଦିଲ୍ଲୀଠାରେ ରେସିଡେଣ୍ଟ କମିଶନର ରବିକାନ୍ତ କୁମାରଙ୍କୁ ଭେଟିବା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ପ୍ରଶଂସା କରି ଶ୍ରୀ ସାମନ୍ତ କହିଛନ୍ତି, ଭୁବନେଶ୍ୱରରେ ଥାଇ ଗତ ୮ଦିନ ଧରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଯେଉଁଭଳି ଭାବେ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ପିଲାମାନେ ଯେଭଳି ସୁରୁଖୁରୁରେ ନିଜ ଘରେ ପହଞ୍ଚିପାରିବେ ସେ ନେଇ ରାଜ୍ୟ ସରକାର ବ୍ୟବସ୍ଥା କରୁଛନ୍ତି । ଏହା ଅତି ପ୍ରଶଂସନୀୟ ଓ ଏହି ପଦକ୍ଷେପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ନିଜ ପରିବାର କହିବାର ଯଥାର୍ଥତା ପ୍ରତିପାଦିତ କରିଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି ।

## ମେୟର ପ୍ରାର୍ଥୀ: ବିଜେଡିକୁ ପଶିଛି ଛନକା, ବିଜେପି ବି ଖୋଲୁନି କାର୍ଡ



ଭୁବନେଶ୍ୱର,୪ ।୩(ପି.ଏନ): ରାଜ୍ୟର ୩ଟି ପ୍ରମୁଖ ମହାନଗର ନିଗମ ନିର୍ବାଚନ ପାଇଁ ମେୟର ପ୍ରାର୍ଥୀ ଚୂଡ଼ାନ୍ତ କରିବାରେ ଶାସକ ବିଜେଡି ଓ ବିରୋଧୀ ବିଜେପି ଏପର୍ଯ୍ୟନ୍ତ ସକ୍ଷମ ହୋଇପାରିନାହାନ୍ତି । ନାମାଙ୍କନ ପତ୍ର ଦାଖଲକୁ ଆଉ ମାତ୍ର ୩ ଦିନ ବାକି ଥିବାବେଳେ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ପାଇଁ ଶାସକ ବିଜେଡି ନିଜର ମେୟର ପ୍ରାର୍ଥୀ ଘୋଷଣାରେ ବିଳମ୍ବ କରି ପରୋକ୍ଷରେ ଦଳ ଭିତରେ ଚାଲିଥିବା ଛକାପଞ୍ଝା ଓ ତୀବ୍ର ଗୋଷ୍ଠୀବିବାଦକୁ ନେଇ ନିଜର ସଂଶୟକୁ ପଦାରେ ପକାଇଛି । ବିଜେପି ମଧ୍ୟ ଅନୁରୂପ ଭାବେ ବିଜେଡିର ମେୟର ପ୍ରାର୍ଥୀ ଘୋଷଣାରେ ବିଳମ୍ବକୁ ଦେଖି ନିଜର କାର୍ଡ ଖୋଲୁନଥିବା ଜଣାପଡିଛି । ଅବଶ୍ୟ କଂଗ୍ରେସ ଉଭୟ କଟକ ଓ ଭୁବନେଶ୍ୱର ପାଇଁ ନିଜର ମେୟର ପ୍ରାର୍ଥୀ ଘୋଷଣା କରିବା ସହ ଭୁବନେଶ୍ୱରର ୩୦ଟି ୱାର୍ଡ ପାଇଁ ପ୍ରାର୍ଥୀ ତାଲିକା ଜାରି କରିଛି ।ସୂଚନା ଅନୁସାରେ, ଶାସକ ବିଜେଡି ଦୀର୍ଘଦିନ ଧରି ପୌର ନିର୍ବାଚନ ପାଇଁ ପ୍ରସ୍ତୁତି କରୁଥିଲେ ମଧ୍ୟ ଦଳ ୩ଟି ମହାନଗର ନିଗମରେ ଦଳୀୟ ମେୟର ପ୍ରାର୍ଥୀ ଚୂଡ଼ାନ୍ତ କରିବାରେ ସକ୍ଷମ ହୋଇପାରିନି । ୨ତାରିଖରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇ ୭ତାରିଖରେ ଶେଷ ହେବାର ଥିବାବେଳେ ଦଳ ନିଜର ମେୟର ପ୍ରାର୍ଥୀଙ୍କ ନାଁ ଘୋଷଣା କରୁନଥିବାକୁ ନେଇ ବିଜେଡି ମହଲରେ ବି ପ୍ରତିକ୍ରିୟା ଦେଖାଦେଲାଣି । ଦୀର୍ଘଦିନ ଧରି ପୌର ନିର୍ବାଚନ ପାଇଁ ପ୍ରସ୍ତୁତି କରୁଥିବା କଥା ବିଜେଡି କହୁଥିବାବେଳେ କେଉଁ କାରଣରୁ ବିଭିନ୍ନ ପୌର ସଂସ୍ଥାର ଅଧ୍ୟକ୍ଷ ପ୍ରାର୍ଥୀ ଓ ୩ଟି ମହାନଗରର ମେୟର ପ୍ରାର୍ଥୀଙ୍କ ନାଁ ଆଜି ସୁଦ୍ଧା ବି ଦଳ ଘୋଷଣା କରୁନି କେହି ତା'ର ଟେର୍ ବି ପାଇପାରୁନାହାନ୍ତି ।ସଂଗଠନର ସ୍ଥିତି ଏଭଳି ହୋଇଛି ଯେ, ନେତାମାନେ ମଧ୍ୟ କେହି କିଛି ଜାଣିବାର ସୁଯୋଗ ପାଉନାହାନ୍ତି । କେବଳ ଯେଉଁ ନିର୍ବାଚନମଣ୍ଡଳୀରେ ପୌର ନିର୍ବାଚନ ହେବ, ତା'ର ଦଳୀୟ ବିଧାୟକମାନଙ୍କୁ ସମ୍ଭାବ୍ୟ ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀ ତାଲିକା ଦେବାକୁ କୁହାଯାଇଥିଲା । ଆଉ ସେହି ତାଲିକା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ବିଜେଡି ସୁପ୍ରିମୋ ଓ ତାଙ୍କ ପରାମର୍ଶଦାତା ନେବାର ଥିବାବେଳେ କୌଣସି ଗୋଟିଏ ସ୍ଥାନ ପାଇଁ ମଧ୍ୟ ବିଜେଡି ନିଜର ଅଧ୍ୟକ୍ଷ ପ୍ରାର୍ଥୀ ଚୂଡ଼ାନ୍ତ କରିପାରିନଥିବା ଜଣାପଡିଛି । ଯଦିଓ ନାମାଙ୍କନ ପତ୍ର ଦାଖଲର ଶେଷଦିନ ୭ତାରିଖ ସୋମବାର ରହିଛି ଓ ଆସନ୍ତାକାଲି ମାର୍ଚ୍ଚ ୫ତାରିଖ ବିଜୁ ପଟ୍ଟନାୟକ ଜୟନ୍ତୀ ଓ ୬ତାରିଖ ରବିବାର ପାଇଁ ସରକାରୀଗୁଡିକ ଅଫିସ ଛୁଟି ରହିବ । ତେଣୁ ଦଳ ପକ୍ଷରୁ ଅଧ୍ୟକ୍ଷ ଓ ମେୟର ପ୍ରାର୍ଥୀ ଘୋଷଣାରେ ବିଳମ୍ବ ଯୋଗୁ ମନୋନୀତ ପ୍ରାର୍ଥୀଙ୍କୁ ଆବଶ୍ୟକ ଦସ୍ତାବିଜ ପ୍ରସ୍ତୁତ କରିବାରେ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ବି ରହିଛି । ଅବଶ୍ୟ ଦୁଇଦିନ ସରକାରୀ ଛୁଟି ଥିଲେ ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିହେବ, କିନ୍ତୁ ଦସ୍ତାବିଜ ବିନା କିଭଳି ପ୍ରାର୍ଥୀମାନେ ଦାଖଲ କରିବେ ତାହା ବି ବଡ ପ୍ରଶ୍ନ ପାଲଟିଛି ।ଅନ୍ୟପକ୍ଷରେ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମ ଅଂଚଳରେ ବିଜେଡିର ସ୍ଥାନୀୟ ବିଧାୟକ ଓ କର୍ମୀମାନଙ୍କ ମଧ୍ୟରେ ଛକାପଞ୍ଝା ଓ ଗୋଷ୍ଠୀକନ୍ଦଳ ତୀବ୍ର ରହିଥିବାରୁ ବିଜେଡିର ଚିନ୍ତା ବ?ିଛି । କିଛି ପ୍ରଭାବଶାଳୀ ନେତା ମଧ୍ୟ ଆତ୍ମଘାତୀ କାର୍ଯ୍ୟ କରିପାରନ୍ତି ବୋଲି ବିଜେଡିକୁ ଗୁଇନ୍ଦା ରିପୋର୍ଟ ମିଳିଥିବାରୁ ଦଳ ଆଶଙ୍କାରେ ରହିଥିବା ସୂଚନା ମିଳିଛି । ପଂଚାୟତ ନିର୍ବାଚନ ଫଳାଫଳକୁ ନେଇ ଉତ୍ସାହିତ ଥିବା ବିଜେଡି ଯଦିଓ ପୌର ନିର୍ବାଚନରେ ଭଲ ଫଳ କରିବ ବୋଲି ଆଶା କରୁଛି, କିନ୍ତୁ ଭୁବନେଶ୍ୱର ମହାନଗରରେ ବିଜେପି ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଗତିବିଧି ବିଜେଡିକୁ ଆଶଙ୍କାରେ ପକାଇଛି । ଭୁବନେଶ୍ୱର ଆସନରେ ଆମଦାନୀ ନେତ୍ରୀ ପରିବର୍ତ୍ତ ? ସଂଗଠନ ସହ ଜଡିତ ଥିବା ନେତ୍ରୀଙ୍କୁ ମେୟର ପ୍ରାର୍ଥୀ କରି ବିଜେଡି ନିଜର ୩ ବିଧାୟକଙ୍କୁ ସନ୍ତୁଷ୍ଟ କରିବାକୁ ଚାହୁଁଥିବା ଜଣାପଡିଛି ।ଏପଟେ ବ୍ରହ୍ମପୁର ମେୟର ପ୍ରାର୍ଥୀ ଭାବେ ଦଳ ପକ୍ଷରୁ ଗଞ୍ଜାମ ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ସଂଘମିତ୍ରା ଦଳେଇ ଓ କଟକ ମେୟର ପ୍ରାର୍ଥୀ ନିମନ୍ତେ ରାଜ୍ୟସଭା ସାଂସଦ ସୁବାସ ସିଂଙ୍କୁ ବିଜେଡି ଟିକେଟ୍ ଦେବାର ଯଥେଷ୍ଟ ସମ୍ଭାବନା ରହିଛି । କିନ୍ତୁ ଭୁବନେଶ୍ୱରରେ ଅପରାଜିତାଙ୍କ ଭୟରେ ବିଜେଡି ନିଜର ଟିକେଟ୍ ଚୂଡ଼ାନ୍ତ କରୁନଥିବାବେଳେ ବିଜେପି ମଧ୍ୟ ଭୁବନେଶ୍ୱର ପାଇଁ ନିଜର କାର୍ଡ ଖୋଲୁନି ବୋଲି ଚର୍ଚ୍ଚା ହେଉଛି ।

### ଖାରକିଭ୍ ରୁ ଉଦ୍ଧାର ହେଲେ ଆଉ ୬୫ ଓଡିଆ ଛାତ୍ର

ଭୁବନେଶ୍ୱର, ୪ ।୩(ପି.ଏନ): ୟୁକ୍ରେନ୍ ର ଯୁଦ୍ଧ ଅଂଚଳ ଖାରକିଭ୍ ଓ ପେସୋଚିନ ରେ ବର୍ତ୍ତମାନ ସୁଦ୍ଧା ଫସି ରହିଯାଇଥିବା ଆହୁରି ଅନେକ ଓଡିଆ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ ରାଜ୍ୟ ସରକାର ତାଙ୍କର ଉଦ୍ୟମକୁ ଜୋରଦାର କରିଛନ୍ତି । ସେଠାରୁ ୬୫ଜଣଙ୍କୁ ରାଜ୍ୟ ସରକାର ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ନିରାପଦ ଭାବେ ପଶ୍ଚିମ ୟୁକ୍ରେନ ସୀମା କୁ ଆଣିବା ପାଇଁ ସଫଳ ହୋଇଛନ୍ତି । ସେ ଅଂଚଳରେ ଥିବା ସବୁ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରି ବିମାନ ଯୋଗେ ଭାରତକୁ ଆଣିବା ପାଇଁ ପ୍ରକ୍ରିୟା ଜାରି ରହିଛି । ଏ ପର୍ଯ୍ୟନ୍ତ ୧୯୯ ଛାତ୍ରଛାତ୍ରୀ ନିରାପଦ ରେ ଭାରତରେ ପହଂଚି ସାରିଛନ୍ତି ।ସବୁ ଓଡ଼ିଆ ପିଲାଙ୍କୁ ନିରାପଦ ଭାବରେ ଉଦ୍ଧାର କରିବା ପାଇଁ ଓଡ଼ିଶା ସରକାର ଉଦ୍ୟମ ଜାରି ରଖିଛନ୍ତି । ନୂଆଦିଲ୍ଲୀ ସ୍ଥିତ ଆବାସିକ କମିଶନଙ୍କ କାର୍ଯ୍ୟାଳୟ ଉଦ୍ଧାର କାର୍ଯ୍ୟ ରେ ସମନ୍ୱୟ ରକ୍ଷା କରୁଛନ୍ତି ।ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ୟୁକ୍ରେନ ସୀମା ସଂଲଗ୍ନ ୪ଟି ଦେଶ ପାଇଁ ୪ ଜଣ ସ୍ୱତନ୍ତ୍ର ପ୍ରତିନିଧିଙ୍କୁ ସମନ୍ୱୟ ରଖିବା ପାଇଁ ଦାୟିତ୍ୱ ଦେଇଛନ୍ତି ।

### ସୂର୍ଯ୍ୟାସ୍ତ ପରେ ହିଁ ସୂର୍ଯ୍ୟୋଦୟ ହୁଏ : ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର, ୪ ।୩(ପି.ଏନ): ସୂର୍ଯ୍ୟାସ୍ତ ପରେ ହିଁ ସୂର୍ଯ୍ୟୋଦୟ ହୁଏ । ଅନ୍ଧକାର ପରେ ହିଁ ପ୍ରକାଶ ଆସିବ । ଆମର ତ୍ରୁଟି ଅଛି, ବିଜେପିର ମଧ୍ୟ ତ୍ରୁଟି ଅଛି । ଏବେ ବି କର୍ମୀଙ୍କ ଭିତରେ ଉତ୍ସାହ ଓ ଆତ୍ମ ବିଶ୍ୱାସ ରହିଛି ବୋଲି ପଂଚାୟତ ନିର୍ବାଚନର ଫଳାଫଳ ନେଇ ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି । ସେ କହିଛନ୍ତି ପୌର ନିର୍ବାଚନ ପାଇଁ କମ ସମୟ ମିଳିଛି , ଆମେ ଆମର ୧୦୦ ପ୍ରତିଶତ ଦେବୁ । ପଂଚାୟତ ନିର୍ବାଚନ ଫଳାଫଳର ପ୍ରଭାବ ପୌର ନିର୍ବାଚନ ଉପରେ ପଡ଼ିବ ନାହିଁ । ପଂଚାୟତ ଫଳାଫଳକୁ ନେଇ ଆମେ ଦୁଃଖିତ । ଭୁଲ ରହିଛି ତାକୁ ସୁଧାରିବୁ, ସଂଘର୍ଷ କରିବୁ, ଯେଉଁ ପର୍ଯ୍ୟନ୍ତ ସୂର୍ଯ୍ୟଦୋୟ ହୋଇନାହିଁ ବୋଲି ସେ କହିଛନ୍ତି । ଅପରପକ୍ଷରେ ବିଜେପିର ବିଏମସି ପାଇଁ ମେୟର ପ୍ରାର୍ଥୀ ଘୋଷଣା ସମ୍ପର୍କରେ ସେ କହିଛନ୍ତି ଯେ ଦଳକୁ ବହୁ ଆବେଦନ ଆସିଛି ।








## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

## କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

## ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ


© Reuters

ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

## ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

## ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।




# ଅନନ୍ୟ ଜନନାୟକ ବିଜୁ ପଟ୍ଟନାୟକ





**ବ୍ୟ**କ୍ତି ସମକାଳର, ବ୍ୟକ୍ତିତ୍ୱ ଚିରକାଳର। ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇ ପଡ଼େ ସମାଜରୁ ରାଷ୍ଟ୍ରକୁ। ଏମିତି ଏକ କାଳଜୟୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବିଜୟାନନ୍ଦ ପଟ୍ଟନାୟକ - ସବୁରି ପ୍ରିୟ ବିଜୁ ପଟ୍ଟନାୟକ। ତାଙ୍କର ଜନ୍ମ ୧୯୧୬ ମସିହା ମାର୍ଚ୍ଚ ୫ତାରିଖରେ କଟକ ତୁଳସୀପୁରସ୍ଥ ପୈତୃକ ବାସଭବନ ଆନନ୍ଦ ଭବନରେ ହୋଇଥିଲା। ବାଲ୍ୟକାଳରୁ ସେ ପ୍ରବଳ ସ୍ୱପ୍ନବିଳାସୀ ଥିଲେ ଓ ପ୍ରାଚୀନ କଳିଙ୍ଗର ହୃତ ଗୌରବ ଫେରାଇ ଆଣିବା ପାଇଁ ଦୃଢ଼ପ୍ରତିଜ୍ଞ ଥିଲେ। କେବଳ ସେତିକି ନୁହେଁ ଚିନ୍ତା ଥିଲା ତାଙ୍କର ସୁଦୂରପ୍ରସାରୀ ଓ କଳ୍ପନା ଥିଲା ଅସାଧାରଣ। ଥରେ ସେ ଯାହା ଚିନ୍ତା କରୁଥିଲେ, ତାକୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ନିଷ୍ଠାପର ଉଦ୍ୟମ କରୁଥିଲେ। ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ। ସଂକୀର୍ଣ୍ଣ ରାଜନୀତିର ଊର୍ଦ୍ଧ୍ୱରେ, ସେ ଥିଲେ ଯଥାର୍ଥରେ ଜଣେ ଅନନ୍ୟ ଜନନାୟକ।

ବିଜୁ ପଟ୍ଟନାୟକ - କାହିଁ କେହି ତ' କୁହନ୍ତି ନାହିଁ ବିଜୟାନନ୍ଦ ପଟ୍ଟନାୟକ। ଏତେ ଲୋକପ୍ରିୟତା କାହିଁକି ଏହି ନାଁରେ। ନାଁଟିକୁ କହିଦେଲେ ମନରେ ହୃତ୍କମ୍ପ ସୃଷ୍ଟି ହୁଏ। ବଙ୍କିମ୍ ଚନ୍ଦ୍ରଙ୍କ 'ବନ୍ଦେମାତରଂ', ସୁଭାଷ ବୋଷଙ୍କ 'ଜୟହିନ୍ଦ', କହିବା ପରି ଏକସ୍ୱରରେ ବିଜୁ ପଟ୍ଟନାୟକ ନାଁଟି କହିଦେଲେ ମନରେ କାହିଁକି ଉନ୍ମାଦନା ଆସେ। ସତେ ଯେମିତି ଓଡ଼ିଆ ସହିତ ବିଜୁ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକଙ୍କ ସହିତ ଓଡ଼ିଆ ଏକାକାର ହୋଇଯାଇଛନ୍ତି। ଖାଲି ସେତିକି ନୁହେଁ, କେହି କେହି ତାଙ୍କୁ ପ୍ରବାଦପୁରୁଷ, ମାଟିର ମୂର୍ତ୍ତିକାର, କଳିଙ୍ଗ ବୀର ଓ ଝଡ଼ର ଇଗଲ ବୋଲି କହିଥା'ନ୍ତି। ବିଜୁ ପଟ୍ଟନାୟକ ଏକାଧାରରେ ଥିଲେ ଜଣେ ବିଶିଷ୍ଟ ରାଜନୀତିଜ୍ଞ, ଦୁଃସାହସିକ ବୈମାନିକ, ଦୂରଦର୍ଶୀ ଶିଳ୍ପପତି, ଉଚ୍ଚକୋଟୀର କ୍ରୀଡାବିତ୍, ଦକ୍ଷ କ୍ରୀଡା ସଙ୍ଗଠକ, ଦେଶଭକ୍ତ ସଂଗ୍ରାମୀ, ଓଡିଶା ଏବଂ ଭାରତର ଜଣେ ଅଦ୍ୱିତୀୟ ନେତା। ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗିପଡୁ ନ ଥିଲେ ଜୟ-ପରାଜୟ ଭିତରେ ଓ ସବୁକୁ ଖେଳୁଆଡ ମନୋଭାବରେ ଗ୍ରହଣ କରୁଥିଲେ। ସେ କଦାପି ଏଣୁତେଣୁ କଥା କହୁ ନ ଥିଲେ। ଯାହା ସେ ଥରେ ଚିନ୍ତା କରୁଥିଲେ, ତାକୁ କାମରେ କରି ଦେଖାଉଥିଲେ। ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ।

ରାଜନୀତି କ୍ଷେତ୍ରରେ ବିଜୁ ପଟ୍ଟନାୟକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ୧୯୪୭ରୁ ୧୯୯୭ ପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସେ ଓଡିଶାର ତଥା ବିଭିନ୍ନ ସମୟରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ। ୧୯୬୧ରୁ ୧୯୬୩ ମସିହା ପର୍ଯ୍ୟନ୍ତ ସେ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି ଆରମ୍ଭ କରିଥିଲେ ନିର୍ମାଣ ଯୁଗ। ପାରାଦ୍ୱୀପ ବନ୍ଦର, ଏକ୍ସପ୍ରେସ୍ ହାଇୱେ, ସୁନାବେଡା ମିଗ୍ ବିମାନ କାରଖାନା, ବାଲିମେଳା ଡ୍ୟାମ ଓ ବରଗଡ ସିମେଣ୍ଟ କାରଖାନା ନିର୍ମାଣ କରି ସେ ନବ ଓଡ଼ିଶାର ଗଠନ ପ୍ରକ୍ରିୟା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସହଯୋଗରେ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ରାଉରକେଲା ଇଞ୍ଜିନିୟରିଙ୍ଗ କଲେଜ, ସୈନିକ ସ୍କୁଲ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଓ ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇ ଓଡ଼ିଶାରେ ବୈଷୟିକ ଓ ଯାନ୍ତ୍ରିକ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା। ୧୯୯୦ରୁ ୧୯୯୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବାବେଳେ ସେ ଆରମ୍ଭ କରିଥିଲେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା। ପ୍ରଶାସନକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସେ ୧୩ ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିଲେ। ଏହା ତାଙ୍କ ପାରିବାପଣିଆର ଏକ ନମୁନା ଥିଲା। ଏପରିକି ମୁଖ୍ୟମନ୍ତ୍ରୀ ଥିବାବେଳେ ଏକ ଟଙ୍କା ଦରମା ନେଇ ସେ ନିଆରା ବ୍ୟକ୍ତିତ୍ୱର ପ୍ରମାଣ ଦେଇଥିଲେ। ପୁଣି ରିକ୍ସାରେ ବସି ବା କେବେ ସାଇକେଲ ଚଢ଼ି ସେ ସଚିବାଳୟକୁ ଆସି ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଥିଲେ।

ବିଜୁ ପଟ୍ଟନାୟକ ଜଣେ ଦକ୍ଷ ଓ ଦୁଃସାହସିକ ବୈମାନିକ ଥିଲେ। ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଅନୁରୋଧକ୍ରମେ ନିଜ ଜୀବନକୁ ପାଣି ଛଡାଇ ଡଚ୍ ସେନାବାହିନୀ ଦ୍ୱାରା କବଳିତ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣ, ପ୍ରଧାନମନ୍ତ୍ରୀ ଶାହାରିଆର ଓ ଉପ-ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଦିଲ୍ଲୀକୁ ବିମାନ ଯୋଗେ ନେଇ ଆସିଥିଲେ। ନିଜର କୃତଜ୍ଞତା ଜଣାଇବାକୁ ଯାଇ ରାଷ୍ଟ୍ରପତି ସୁକର୍ଣ୍ଣ ତାଙ୍କୁ ପ୍ରାୟ ୫୦୦ କୋଟି ଟଙ୍କାର ଉପହାର ପ୍ରଦାନ କରିଥିଲେ। ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ର ଉପାଧି ମଧ୍ୟ ତାଙ୍କୁ ମିଳିଥିଲା। ମାତ୍ର ସେହିସବୁ ଉପହାର ଫେରାଇ ଦେଇଥିଲେ ସେ ଏବଂ କହିଥିଲେ ଭାରତୀୟ କିଛି ନିଏନାହିଁ। ସତରେ ଏପରି ବଦାନ୍ୟତା ପୃଥିବୀ ଇତିହାସରେ ବିରଳ। ତାଙ୍କର ଏହି କାମ ପାଇଁ ଇଣ୍ଡୋନେସିଆ ନିକଟରେ ଭାରତ ମହାନ ହୋଇ ରହିଲା।

ଛାତ୍ର ଅବସ୍ଥାରେ କଟକରୁ ପେଶାୱାର ସାଇକେଲରେ ଯିବା, ପୋଲିସ କର୍ଡନ୍ ଭାଙ୍ଗି ଗାନ୍ଧୀଙ୍କୁ ଦେଖିବା ପାଇଁ ଯିବାବେଳେ ପୋଲିସ ଏସ୍.ପି. ହାରଗ୍ରୀଭ୍ଙ୍କଠାରୁ ଲାଠିମାଡ ଖାଇବା ଘଟଣା ତାଙ୍କ ଦୁଃସାହସିକତାର ନମୁନା ମାତ୍ର। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବଡଲାଟ୍ ୱାଭେଲ୍ଙ୍କ ପାଇଲଟ୍ ଥାଇ ସୁଦ୍ଧା ପୋଲିସ ଆଖିରେ ଧୂଳି ଦେଇ ଜୟପ୍ରକାଶ ନାରାୟଣ, ଅରୁଣା ଆଶଫ୍ ଅଲ୍ଲୀ ଓ ରାମମନୋହର ଲୋହିଆଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇବା ତାଙ୍କ ଦୁଃସାହସିକତାର ଆଉ ଏକ ପରିଚୟ। ଏଥିପାଇଁ ତାଙ୍କୁ କାରାବରଣ କରିବାକୁ ପଡ଼ିଛି ସତ; ମାତ୍ର ଦେଶପାଇଁ ହସି ହସି କାରାବରଣ କରିଛନ୍ତି ସେ। ସେହିପରି ୧୯୬୨ରେ ଚୀନ୍ ଭାରତ ଆକ୍ରମଣ କରିବା ସମୟରେ ସେନାମାନଙ୍କୁ ସହାୟତା କରିବାରେ ତାଙ୍କର ଅବଦାନକୁ ଅସ୍ୱୀକାର କରାଯାଇ ନ ପାରେ।

ଜଣେ ଓଡିଆ ଭାବେ ନିଜକୁ ପରିଚୟ ଦେଇ ସେ ଗର୍ବ ଅନୁଭବ କରିଥିଲେ। ସେ ଜାଣିଥିଲେ -କଳିଙ୍ଗଃ ସାହସିକାଃ। ସେଥିପାଇଁ ସେ କଳିଙ୍ଗ ଏୟାରଲାଇନ୍ସ, କଳିଙ୍ଗ ଟାଇଲ୍ସ ଓ କଳିଙ୍ଗ ପୁରସ୍କାର ଆଦି ପ୍ରତିଷ୍ଠା କରିଥିଲେ। ଏହି କଳିଙ୍ଗ ପୁରସ୍କାର ଓଡିଶାକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା। ବାସ୍ତବିକ୍ ମଧୁବାବୁଙ୍କ ପରେ ଓଡିଆର ଟେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବାରେ ସେ ହିଁ ଥିଲେ ଦ୍ୱିତୀୟ ବ୍ୟକ୍ତି। ଜୀବନଦୀପ ନିର୍ବାପିତ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ କେବଳ ଓଡିଆଙ୍କ କଥା ଚିନ୍ତା କରୁଥିଲେ। ଯୁବପିଢ଼ିଙ୍କୁ ସେ ସର୍ବଦା କହୁଥିଲେ-ଗୋଲାମୀ ନକରି ସ୍ୱାଧୀନ ହୁଅ। ନିଜ ଗୋଡରେ ନିଜେ ଛିଡା ହୁଅ, ଅନ୍ୟପାଖରେ ହାତ ପତାଅ ନାହିଁ। ଓଡିଆ ପୁଅର ବୀରତ୍ୱ ବଜାୟ ରଖ, ଓଡିଆର ସୁନାମ ରଖ, ଅଯଥାରେ ସମୟ ନଷ୍ଟ କରନା, ଦେଶ କଥା ଭାବ, ଦେଶ ପାଇଁ କାମ କରିବାକୁ ଆଗେଇଆସ।

ଏତଦ୍‌ବ୍ୟତୀତ ବିଜୁ ପଟ୍ଟନାୟକ ଥିଲେ ଜଣେ ଉଚ୍ଚକୋଟୀର କ୍ରୀଡାବିତ୍ ଓ ଦକ୍ଷ ସଂଗଠକ। ତାଙ୍କ ବଳିଷ୍ଠ ଓ ସୁଠାମ ଚେହେରା ଥିଲା ଈଶ୍ୱରଦତ୍ତ। ୧୯୩୦ ଦଶକରେ ସେ ଓଡିଶାର ଖ୍ୟାତନାମା ଫୁଟବଲ ଖେଳାଳୀ ମଧ୍ୟରେ ଜଣେ ଥିଲେ। ଯାହାଫଳରେ ସେ ରେଭେନ୍ସା-ବ୍ଲୁ ଦୁଇ ଥର ପାଇବାରେ ସକ୍ଷମ ହୋଇଥିଲେ। ଏପରିକି ପୋଲଭୋଲ୍ଟରେ ସେ ସମୟରେ ସର୍ବଶ୍ରେଷ୍ଠ କ୍ରୀଡାବିତ୍ ଥିଲେ। ଫୁଟବଲ ଖେଳପ୍ରତି ତାଙ୍କର ଅତିଶୟ ମୋହର ଅନ୍ୟ ଏକ ଉଦାହରଣ ୧୯୬୧-୬୨ରେ କଟକରେ ପ୍ରଥମ ସର୍ବଭାରତୀୟ କଳିଙ୍ଗ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍ ସେ ଆରମ୍ଭ କରିଥିଲେ। କେବଳ ସେତିକି ନୁହେଁ ଓଡିଶାରୁ ପ୍ରଥମ ବ୍ୟକ୍ତି ଭାବେ ୧୯୬୪ ମସିହାରେ ବିଜୁ ପଟ୍ଟନାୟକ ଭାରତର ବାସ୍କେଟବଲ୍ ସଂଘର ସଭାପତି ପଦ ମଣ୍ଡନ କରିଥିଲେ। ଏଥିସହିତ ଆଜି ରାଜ୍ୟ ମହିଳା ଫୁଟବଲ ଦଳ ସଫଳତାର ଯେଉଁ ଶୀର୍ଷରେ ପହଞ୍ଚିଛି, ତାହାପଛରେ ରହିଛି ତାଙ୍କ ପ୍ରଚେଷ୍ଟାର ଫଳଶ୍ରୁତି।

ବିଜୁ ପଟ୍ଟନାୟକଙ୍କ ଜନ୍ମ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖ ଓ ମୃତ୍ୟୁ ୧୯୯୭ ମସିହା ଏପ୍ରିଲ ୧୭ ତାରିଖ। ଦୀର୍ଘ ୮୧ ବର୍ଷର ଜୀବନଯାତ୍ରା। ସେ ଜୀବନ ଆରମ୍ଭ ହୋଇଥିଲା କଟକସ୍ଥ ତୁଳସୀପୁର ଅନନ୍ଦ ଭବନରେ। ଆଉ ଶେଷ ହୋଇଥିଲା ପୁରୀର ସ୍ୱର୍ଗଦ୍ୱାରରେ। କେବଳ ଆମ ରାଜ୍ୟ ନୁହେଁ, "ଇଣ୍ଡିଆ ଟୁ ଇଣ୍ଡୋନେସିଆ" ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକୁଶଳତା ପରିବ୍ୟାପ୍ତ ଥିଲା। ତାଙ୍କ ଅବର୍ତ୍ତମାନରେ ଆଜି ବିରାଟ ଶୂନ୍ୟତା। ସେ ଶୂନ୍ୟତା ଭିତରେ ବାରି ହୋଇପଡୁଛି ତାଙ୍କ ସ୍ମୃତିର ପାଦଚିହ୍ନ। ଜଣାନାହିଁ ଆଉ କେତେଦିନ ପରେ ଏହିଭଳି ଜଣେ ଯୋଗଜନ୍ମା ଜନନାୟକ ଉତ୍କଳଭୂଇଁରେ ଜନ୍ମ ନେବେ କେଜାଣି ? ସେହି ସୁଦିନକୁ ହିଁ ଅପେକ୍ଷା !

**ହିମାଂଶୁଶେଖର ଆଚାର୍ଯ୍ୟ**, ସଭାପତି, ଜଗତସିଂହପୁର ସାରସ୍ୱତ ପରିଷଦ, ମୋ: ୯୯୩୭୧୫୧୦୫୨

# ଅଧ୍ୟକ୍ଷ ପଦବୀ ନିମନ୍ତେ ଅଙ୍କକଷା: ଏକାଠି ହେଲେ ଧର୍ମଶାଳାର ୪୩ ସମିତି ସଭ୍ୟ



ଧର୍ମଶାଳା (ପିଏନ୍): ଆସନ୍ତା ୧୨ତାରିଖରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ୨୩ ତାରିଖରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନିର୍ବାଚନ ହେବାକୁ ଯାଉଛି । ଏହି କ୍ରମରେ ଧର୍ମଶାଳା ବ୍ଲକରେ ନବନିର୍ବାଚିତ ସମିତିସଭ୍ୟମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ଆଳରେ ବିଜେଡ଼ି ପକ୍ଷରୁ ଆଜି ୪୩ଜଣ ସମିତିସଭ୍ୟଙ୍କୁ ଏକାଠି କରିବାରେ ସକ୍ଷମ ହୋଇଛି । ୪୫ ପଞ୍ଚାୟତ ବିଶିଷ୍ଟ ଏହି ବ୍ଲକର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ପଦବୀ ନିମନ୍ତେ ୨୩ ଜଣ ସମିତିସଭ୍ୟଙ୍କ ସମର୍ଥନ ଆବଶ୍ୟକ ହେଉଥିବା ବେଳେ ବିଜେଡ଼ି ୪୩ଜଣ ସମିତିସଭ୍ୟଙ୍କୁ ଏକତ୍ରିତ କରି ନିଜର ଶକ୍ତି ପ୍ରଦର୍ଶନ କରିଛି । ବିଜେଡ଼ି ଲଗାତର ପଞ୍ଚମ ଥର ଧର୍ମଶାଳା ପଞ୍ଚାୟତ ସମିତି ଦଖଲ କରିବାକୁ ଯାଉଥିବା ବେଳେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ସାନଭାଇ ପ୍ରଭାତ କୁମାର ବଳବନ୍ତରାୟ ପୁଣିଥରେ ସମିତି ଅଧ୍ୟକ୍ଷ ନିର୍ବାଚିତ ହେବା ପାଇଁ ପଥ ପରିଷ୍କାର ହୋଇଯାଇଛି । ଏପଟେ ବିଧାୟକଙ୍କ ସାନଭାଇ ସମିତି ଅଧ୍ୟକ୍ଷ ହେଉଥିବାରୁ ଦଳରେ ଅନ୍ୟ କେହି ଏହି ପଦବୀ ନିମନ୍ତେ ଆଶାୟୀ ହେବାକୁ ସାହସ ଜୁଟାଇ ପାରିନାହାଁନ୍ତି । ଅଧ୍ୟକ୍ଷ ପଦ ଅସଂରକ୍ଷିତ ଥିବାରୁ ପ୍ରଭାତ ଲଗାତର ଦୁଇଥର ଅଧ୍ୟକ୍ଷ ହେବାର ଗୌରବ ଅର୍ଜନ କରିବାକୁ ଯାଉଛନ୍ତି । ଉଲ୍ଲେଖ ଯୋଗ୍ୟ, ୧୯୬୦ରେ ଧର୍ମଶାଳା ବ୍ଲକ ପ୍ରତିଷ୍ଠା ହେବା ପରଠାରୁ ଏପର୍ଯ୍ୟନ୍ତ ଲଗାତାର ଦୁଇଥର କେହି ଅଧ୍ୟକ୍ଷ ହୋଇନାହାନ୍ତି । ଗଡ଼ମଧୁପୁର ରାଜା ନାରାୟଣ ଚନ୍ଦ୍ରଧୀର ନରେନ୍ଦ୍ର ପ୍ରଥମେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ହୋଇଥିଲେ । ଏହାପରେ ରବି ଦାଶ (ଲାବଣ୍ୟ), ସ୍ୱର୍ଗତ ବୈରାଗୀ ବିଶ୍ୱାଳ, ଗୁରୁଚରଣ ଟିକାୟତ ଓ ସ୍ୱର୍ଗତ ଗୋପବନ୍ଧୁ ମଲ୍ଲିକ ସେ ସମୟରେ ପ୍ରଚଳିତ ସରପଞ୍ଚ ଓ ୱାର୍ଡ ମେମ୍ବରଙ୍କ ଦ୍ୱାରା ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ତେବେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ୧୯୯୨ରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ପରିବର୍ତ୍ତନ ଆଣି ସମିତିସଭ୍ୟ ପଦବୀ ସୃଷ୍ଟି କରିଥିଲେ । ସରପଞ୍ଚ ଓ ୱାର୍ଡ ମେମ୍ବରଙ୍କ ବଦଳରେ ସେବେଠାରୁ ନିର୍ବାଚିତ ସମିତିସଭ୍ୟମାନେ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ କରୁଛନ୍ତି । ଏହି କ୍ରମରେ ୧୯୯୨ରେ ସ୍ୱର୍ଗତ ରମେଶ ଚନ୍ଦ୍ର ତ୍ରିପାଠୀ ସମିତି ଅଧ୍ୟକ୍ଷ ନିର୍ବାଚିତ ହୋଇଥିବା ବେଳେ ୧୯୯୭ରେ କିଶାନ ପଣ୍ଡା, ୨୦୦୨ରେ ସୁଲତା ପରିଡା ଓ ୨୦୦୭ରେ ରମେଶ ଚନ୍ଦ୍ର ପରିଡା ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ତେବେ ୨୦୦୯ ସାଧାରଣ ନିର୍ବାଚନରେ ଶ୍ରୀ ପରିଡ଼ା ବିଧାୟକ ପ୍ରାର୍ଥୀ ହେବାପରେ ସେ ଏହି ପଦବୀରୁ ଇସ୍ତଫା ଦେଇଥିଲେ । ୨୦୦୯ରେ ଦୁଃଶାସନ ସାହୁ ସମିତି ଅଧ୍ୟକ୍ଷ ହୋଇଥିବା ବେଳେ, ୨୦୧୨ରେ ମମତା ମଲିକ ଓ ୨୦୧୭ରେ ପ୍ରଭାତ କୁମାର ବଳବ'ରାୟ ସମିତି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ତେବେ ୨୦୨୨ ନିର୍ବାଚନରେ ଏହି ପଦବୀ ଅସଂରକ୍ଷିତ ହେବାରୁ ପ୍ରଭାତ ପୁନର୍ବାର ଅଧ୍ୟକ୍ଷ ହେବାର ଗୌରବ ଅର୍ଜନ କରିବାକୁ ଯାଉଛନ୍ତି । ଏଥିପାଇଁ ଆଜି ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସର ଇଣ୍ଡୋର ହଲ୍‌ରେ ବିଜେଡ଼ିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବ୍ଲକର ୪୫ଜଣ ସମିତିସଭ୍ୟଙ୍କ ମଧ୍ୟରୁ ୪୩ଜଣ ଅଂଶଗ୍ରହଣ କରି ପ୍ରଭାତଙ୍କୁ ସର୍ବସମ୍ମତି କ୍ରମେ ଅଧ୍ୟକ୍ଷ ପ୍ରାର୍ଥୀଭାବେ ମନୋନୀତ କରିଛନ୍ତି । ଧର୍ମଶାଳା ଗାର୍ଲସ୍ ୱିଙ୍ଗ୍ ପକ୍ଷରୁ ନବ ନିର୍ବାଚିତ ସମିତିସଭ୍ୟମାନଙ୍କୁ ଫୁଲ, ଚନ୍ଦନ ଓ ଉପଢୌକନ ଦିଆଯାଇ ବନ୍ଦାପନା କରାଯାଇଥିଲା । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ରାଜ୍ୟ ବିଜେଡି ସମ୍ପାଦକ ରମେଶ ଚନ୍ଦ୍ର ପରିଡା, ନବ ନିର୍ବାଚିତ ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ଭାଗ୍ୟଧର ସେଠୀ, ସୁଧାଂଶୁ ଭୂଷଣ ସାହୁ, ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା ଓ ଯୁବନେତା ପ୍ରତାପ କୁମାର ପ୍ରଧାନ ଏହି ବୈଠକରେ ଯୋଗ ଦେଇଥିଲେ ।




# ପୁଣ୍ୟାତ୍ମା ପୂର୍ଣ୍ଣବାସୀଙ୍କ ପ୍ରଥମ ପୁଣ୍ୟତିଥି ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମର ପାରଲ ମହାନ୍ତି ସ୍ମୃତି କମିଟି ଆନୁକୂଲ୍ୟରେ ପୁଣ୍ୟାତ୍ମା ପୂର୍ଣ୍ଣବାସୀଙ୍କ ପ୍ରଥମ ବାର୍ଷିକ ପୁଣ୍ୟତିଥି ଶିକ୍ଷକ ଶୁଭାଂଶୁ କୁମାର ଦାସଙ୍କ ପୌରୋହିତ୍ୟରେ ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କରିଲୋପାଟଣା କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଡଃ. ସର୍ବେଶ୍ୱର ସେଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମହାନ୍ତି ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ମହୀୟସୀ ମହିଳା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏ ଅଞ୍ଚଳ ପ୍ରତି ଥିବା ତାଙ୍କ ଅତୁଳନୀୟ ଅବଦାନ ପାଇଁ ତାଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଆଇନଜୀବୀ ପ୍ରଦିପ କୁମାର ଦାଶ, ସରକାରୀ ଓକିଲ ସଞ୍ଜୟ କୁମାର ଜେନା, ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ନିରୂପମା ଦାସ, ସ୍ୱପ୍ନାଂଶୁ ଦାସ, ରଞ୍ଜନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତା ମହାନ୍ତି ଭରତପୁର ଗ୍ରାମର ଜନନୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଗ୍ରାମର ଆବାଳବୃଦ୍ଧବନୀତା ତାଙ୍କୁ ଭଲ ପାଉଥିଲେ। ଏହି ଅବସରରେ ତାଙ୍କ ଜ୍ୟେଷ୍ଠପୁତ୍ର ସଂଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ ସଂଯୋଜନାରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ କଣ୍ଠଶିଳ୍ପୀ ରୋହିତ ଦାସ, ବିନାୟକ ସୂତାର, ପ୍ରଭାତି ମହାନ୍ତି, ପୂର୍ଣ୍ଣିମା ଦାସ, ପ୍ରଫୁଲ୍ଲ ଦାସ, ଗୋଲଖ ସେଠୀ, ହିମାଂଶୁ କର, ବୋନସ ଦାସ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ପୁତ୍ର ସୁବୋଧ କୁମାର ଦାସ, ଶିବ ପ୍ରସାଦ ଦାସ, ସୁଶାନ୍ତ ଦାସ, ସାରଦା ଦାସ, ପ୍ରମିଳା ଦାସ, ସ୍ମୃତି ଦାସ, ସୁରେନ୍ଦ୍ର କୁମାର ଦାସ, ବିରଜା ପ୍ରସାଦ ମହାନ୍ତି, ଶକ୍ତି ପ୍ରସାଦ ମହାନ୍ତି, ବିମଳାକାନ୍ତ ଚୌଧୁରୀ, ଶ୍ରୀଧର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନବନିର୍ବାଚିତ ସରପଞ୍ଚ ଓ ସମିତିସ୍ୟଙ୍କ କୃତଜ୍ଞତା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମପଞ୍ଚାୟତର ଚଳିତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ସରୋଜିନୀ ନାୟକ ଓ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିବା ସରୋଜ ରଞ୍ଜନ ଜେନା (ବୁବୁ) କଂସାର ପଞ୍ଚାୟତବାସୀ ଭାଇଭଉଣୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ନବନିର୍ବାଚିତ ସରପଞ୍ଚ ଶ୍ରୀମତୀ ନାୟକ ୬୬୮ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ ନବନିର୍ବାଚିତ ସମିତି ସଭ୍ୟ ଶ୍ରୀ ଜେନା ୫୬୨ ଭୋଟ ବ୍ୟବବଧାନରେ ବିଜୟୀ ହୋଇଛନ୍ତି।

# ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣାକୁ ପାରାଦୀପ କାର୍ଯ୍ୟରତ ସାମ୍ବାଦିକଙ୍କ ନିନ୍ଦା

ପାରାଦୀପ (ପିଏନ୍)-ଚଳିତ ପଂଚାୟତ ନିର୍ବାଚନରେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରମଣ ଘଟଣାକୁ ପାରାଦୀପର କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ରାଜ୍ୟର ଯାଜପୁର ଓ ନୟାଗଡରେ ଚଳିତ ପଂଚାୟତ ନିର୍ବାଚନରେ ମରଣାନ୍ତକ ଆକ୍ରମଣ ହୋଇଛି । ସାମ୍ବାଦିକମାନେ ନିଷ୍ଠାପର ଭାବେ ନିଜର ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି । ବିଭିନ୍ନ ସମୟରେ ନିଜର ଜୀବନକୁ ବାଜି ଲଗାଇ ସମ୍ବାଦ ସଂଗ୍ରହ କରି ଲୋକମାନଙ୍କ ନିକଟରେ ଖବର ପହଂଚାଇବାରେ ସାମ୍ବାଦିକ ମାନେ ସର୍ବାଗ୍ରେ ଥାଆନ୍ତି । ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ପାରାଦୀପ କାର୍ଯ୍ୟରତ ସାମ୍ବାଦିକମାନେ ଦୃଢ ନିନ୍ଦା କରିବା ସହିତ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାମ୍ବାଦିକ ଶଶାଙ୍କଶେଖର ଆଚାର୍ଯ୍ୟ, ସଂଜୟ କୁମାର ମିଶ୍ର, ସ୍ୱାଧିନଚେତା ଦାସମହାପାତ୍ର, ସନ୍ଦୀପ କୁମାର ଲେଙ୍କା, ଶୁକଦେବ ଜେନା, ଶରତ କୁମାର ରାଉତ, ରାମଚନ୍ଦ୍ର ସ୍ୱାଇଁ, ଦୀପକ କୁମାର ଦାସ, ଜଗନ୍ନାଥ ଶତପଥି, ଜଗବନ୍ଧୁ ସ୍ୱାଇଁ, ବିବେକାନନ୍ଦ ରାଉତ, ରବିନ୍ଦ୍ର ଜେନା, ରତ୍ନାକର ଜେନା, ରାକେଶ ପଟ୍ଟନାୟକ, ସୁଧାଂଶୁଶେଖର ନାୟକ, ବିଶ୍ୱନାଥ ବଳ, ପୁରୁଷୋତ୍ତମ ଶତପଥି, ସଦାନନ୍ଦ ବେହେରା ପ୍ରମୁଖ ଦାବୀ କରିଛନ୍ତି । ଆଗାମୀ ଦିନରେ ସରକାର ସାମ୍ବାଦିକ ସୁରକ୍ଷା ଆଇନ୍ କୁ ରାଜ୍ୟରେ କଡାକଡି ଭାବେ ଲାଗୁ କରିବାକୁ ଦାବୀ ହୋଇଛି ।

# ପୌର ନିର୍ବାଚନ, ୨୦୨୨-ସର୍ବଦଳୀୟ ବୈଠକ ଅନୁଷ୍ଠିତ



ବାଲେଶ୍ୱର (ପିଏନ୍)-ପୌର ନିର୍ବାଚନ-୨୦୨୨ ପରିପ୍ରେକ୍ଷୀରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜନୈତିକ ଦଳ ପ୍ରତିନିଧିମାନଙ୍କୁ ପୌର ନିର୍ବାଚନର ବିଭିନ୍ନ ପ୍ରକ୍ରିୟା, ଆଦର୍ଶ ଆଚରଣ ବିଧି, ନିର୍ବାଚନ ପ୍ରଚାର, ଭୋଟଗ୍ରହଣ ଏବଂ ଭୋଟଗଣତି ଇତ୍ୟାଦି ସମ୍ପର୍କରେ ସୂଚନା ଦିଆଯିବା ସହିତ ନିର୍ବାଚନ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ଜିଲ୍ଲାରେ ପୌର ନିର୍ବାଚନ ପାଇଁ ବାଲେଶ୍ୱର ପୌରାଂଚଳ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକ, ଜଳେଶ୍ୱର ପୌରାଂଚଳ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ସୋର ପୌରାଂଚଳ ନିମନ୍ତେ ଆଡିସିନାଲ ସବକଲେକ୍ଟର ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ନୀଳଗିରି ଏନଏସି ନିମନ୍ତେ ପିଏ-ଆଇଟିଡିଏ ଶ୍ରୀ ବୀରକିଶୋର ପାଣିଗ୍ରାହୀ ଏବଂ ରେମୁଣା ଏନଏସି ନିମନ୍ତେ ରେମୁଣା ତହସିଲଦାର ଶ୍ରୀ ସିତାଂଶୁ ଦାସ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଥିବା ବେଳେ ଆଜିର ବୈଠକରେ ସେମାନେ ମଂଚାସୀନ ହୋଇ ରାଜନୈତିକ ଦଳ ପ୍ରତିନିଧିମାନଙ୍କୁ ପୌର ନିର୍ବାଚନର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରିଥିଲେ । ବିଶେଷ କରି ପୌର ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ, ପ୍ରତ୍ୟାହାର, ସଭାସମିତି, ଶୋଭାଯାତ୍ରା, ନିର୍ବାଚନ ପ୍ରଚାର, ଆଦର୍ଶ ଆଚରଣ ବିଧି, କୋଭିଡ୍ ମାର୍ଗଦର୍ଶିକା, ଭୋଟ୍ ଗ୍ରହଣ କେନ୍ଦ୍ର, ଷ୍ଟ୍ରଙ୍ଗ ରୁମ୍, ଭୋଟ୍ ଗଣତି, ବିଭିନ୍ନ ଫର୍ମର ବ୍ୟବହାର, ପ୍ରାର୍ଥୀମାନଙ୍କ ପାଇଁ ଖର୍ଚ୍ଚ ସୀମା ଓ ସେମାନଙ୍କ ଦ୍ୱାରା ଯାନବାହାନ ବ୍ୟବହାର, ଇଭିଏମ୍ ମେସିନର ବ୍ୟବହାର ଇତ୍ୟାଦି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାରେ ପୌର ନିର୍ବାଚନ ପାଇଁ ସ୍ଥାନୀୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଫେବୃଆରୀ ୨୮ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଗତ ମାର୍ଚ୍ଚ ୨ତାରିଖରୁ ନାମାଙ୍କନ ପତ୍ର ସଂଗ୍ରହ ଓ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । କାଉନସିଲର ଓ ପୌରାଧ୍ୟକ୍ଷ ପଦବୀ ପାଇଁ ଅଲଗା ଅଲଗା ଫର୍ମରେ ନାମାଙ୍କନ ପତ୍ର ଦାଖଲ କରାଯିବାକୁ ଥିବା ବେଳେ ମତଦାତା ଦୁଇଟି ପଦବି ପାଇଁ ଦୁଇଟି ଇଭିଏମ୍‌ରେ ଭୋଟ ଦେବେ । ରାଜନୈତିକ ଦଳ ଦ୍ୱାରା ସମର୍ଥିତ ପ୍ରାର୍ଥୀମାନଙ୍କ ପାଇଁ ଫର୍ମ-୯ ଏବଂ ଫର୍ମ-୧୦ର ଗୁରୁତ୍ୱ ଏବଂ ନିର୍ଦ୍ଧାରିତ ସମୟରେ ତାହା ଦାଖଲ ସମ୍ପର୍କରେ ବୈଠକରେ ବିଶେଷ ଆଲୋଚନା କରାଯାଇଥିଲା । ପୌର ନିର୍ବାଚନରେ ପ୍ରାର୍ଥୀମାନେ ସମ୍ପତି ତାଲିକା, ଶିକ୍ଷାଗତ ଯୋଗ୍ୟତା, ଅପରାଧିକ ମାମଲା ଇତ୍ୟାଦି ସମ୍ପର୍କରେ ସତ୍ୟପାଠ ଦାଖଲ କରିବା ସହିତ ଗୋଟିଏ ସ୍ତ୍ରୀ ସମେତ ଦୁଇରୁ ଅଧିକ ପିଲା ନ ଥିବା ନେଇ ସତ୍ୟପାଠ ଦାଖଲ କରିବେ । ମାର୍ଚ୍ଚ ୨ରୁ ୭ତାରିଖ ପର୍ଯ୍ୟନ୍ତ ଦିନ ୧୧ଘଟିକାରୁ ଅପରାହ୍ନ ୩ଘଟିକା ପର୍ଯ୍ୟନ୍ତ ସମ୍ପୃକ୍ତ ପୌର ବା ଏନଏସି କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିହେବ । ଛୁଟି ଦିନରେ ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିହେବ। ମାର୍ଚ୍ଚ ୯ତାରିଖ ଦିନ ପ୍ରାର୍ଥିପତ୍ର ଯାଂଚ କରାଯିବ । ସେହିପରି ମାର୍ଚ୍ଚ ୧୪ତାରିଖ ଅପରାହ୍ନ ୩ଘଟିକା ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିହେବ। ସେହି ମାର୍ଚ୍ଚ ୧୪ତାରିଖ ଦିନ ୫ଘଟିକା ସମୟରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମାର୍ଚ୍ଚ ୨୪ ସକାଳ ୮ଘଟିକାରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ। କାଉନସିଲର ପଦବୀ ସହ ଅଧ୍ୟକ୍ଷ ପଦବୀ ପାଇଁ ପ୍ରତ୍ୟକ୍ଷ ଭୋଟ୍ ହେବ। ମାର୍ଚ୍ଚ ୨୬ତାରିଖରେ ମତଗଣନା ସହ ଫଳାଫଳ ଘୋଷଣା ହେବ । ଆଦର୍ଶ ଆଚରଣ ବିଧି ଫେବୃଆରୀ ୨୫, ୨୦୨୨ ରୁ ମାର୍ଚ୍ଚ ୨୬, ୨୦୨୨ ପର୍ଯ୍ୟନ୍ତ ବଳବତର ରହିବ। ତେବେ ଆଦର୍ଶ ଆଚରଣ ବିଧି କେବଳ ମହାନଗର, ପୌରାଂଚଳ ଏବଂ ଅଧିସୂଚିତ କ୍ଷେତ୍ର ପରିଷଦ ସୀମାରେ ହିଁ ଲାଗୁ ହେବ। କାଉନସିଲର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କୁ ୱାର୍ଡ ନିମନ୍ତେ ସର୍ବାଧିକ ୨ଟି ମୋଟର ଯାନ( ଉଭୟ ତିନି ଚକିଆ ଓ ଚାରି ଚକିଆକୁ ମିଶାଇ) ବ୍ୟବହାର ପାଇଁ ଅନୁମତି ଦିଆଯାଇଥିବା ବେଳେ ପୌରାଧ୍ୟକ୍ଷ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କୁ ପୌରାଂଚଳ ନିମନ୍ତେ ସର୍ବାଧିକ ୪ଟି ମୋଟର ଯାନ( ଉଭୟ ତିନି ଚକିଆ ଓ ଚାରି ଚକିଆକୁ ମିଶାଇ) ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସେହିପରି ରାଜନୈତିକ ଦଳମାନେ ପ୍ରତ୍ୟେକ ପୌରାଂଚଳ ପାଇଁ ୨ଟି ଲେଖାଏଁ ଚାରି ଚକିଆ ଯାନ ବ୍ୟବହାର କରିପାରିବେ ବୋଲି କୁହାଯାଇଛି। ୫୦ହଜାର ପର୍ଯ୍ୟନ୍ତ ଜନସଂଖ୍ୟା ଥିବା ପୌରାଂଚଳ ଏବଂ ଏନଏସିରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କାଉନସିଲର ପ୍ରାର୍ଥୀମାନଙ୍କ ପାଇଁ ସର୍ବାଧିକ ୫୦ହଜାର ଟଙ୍କା ଖର୍ଚ୍ଚସୀମା ରଖାଯାଇଥିବା ବେଳେ ପୌରାଧ୍ୟକ୍ଷ ପ୍ରାର୍ଥୀମାନଙ୍କ ପାଇଁ ସର୍ବାଧିକ ୨ ଲକ୍ଷ ଟଙ୍କା ଖର୍ଚ୍ଚ ସୀମା ରଖାଯାଇଛି । ଅନୁରୂପ ଭାବେ ୫୦ହଜାରରୁ ୧ଲକ୍ଷ ପର୍ଯ୍ୟନ୍ତ ଜନସଂଖ୍ୟା ଥିବା ପୌରାଂଚଳରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କାଉନସିଲର ପ୍ରାର୍ଥୀମାନଙ୍କ ପାଇଁ ସର୍ବାଧିକ ୭୫ହଜାର ଟଙ୍କା ଖର୍ଚ୍ଚସୀମା ରଖାଯାଇଥିବା ବେଳେ ପୌରାଧ୍ୟକ୍ଷ ପ୍ରାର୍ଥୀମାନଙ୍କ ପାଇଁ ସର୍ବାଧିକ ୩ ଲକ୍ଷ ଟଙ୍କା ଖର୍ଚ୍ଚ ସୀମା ରଖାଯାଇଛି । ସେହିପରି ୧ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା ଥିବା ପୌରାଂଚଳରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କାଉନସିଲର ପ୍ରାର୍ଥୀମାନଙ୍କ ପାଇଁ ସର୍ବାଧିକ ୧ଲକ୍ଷ ଟଙ୍କା ଖର୍ଚ୍ଚସୀମା ରଖାଯାଇଥିବା ବେଳେ ପୌରାଧ୍ୟକ୍ଷ ପ୍ରାର୍ଥୀମାନଙ୍କ ପାଇଁ ସର୍ବାଧିକ ୫ ଲକ୍ଷ ଟଙ୍କା ଖର୍ଚ୍ଚ ସୀମା ରଖାଯାଇଛି। ପୌର ନିର୍ବାଚନ ପାଇଁ ବାଲେଶ୍ୱର ସହରରେ ସରକାରୀ ଆଇ.ଟି.ଆଇ., ସୋରରେ ୟୁ.ଏନ.କଲେଜ, ଜଳେଶ୍ୱରରେ ଜଳେଶ୍ୱର ନୋଡାଲ ହାଇସ୍କୁଲ, ନୀଳଗିରିରେ ନୀଳଗିରି କଲେଜ ଏବଂ ରେମୁଣାରେ ରେମୁଣା ଡିଗ୍ରୀ କଲେଜଠାରେ ବିତରଣ କେନ୍ଦ୍ର ଏବଂ ଷ୍ଟ୍ରଙ୍ଗରୁମ୍ ସ୍ଥାପନ କରାଯାଇଛି। ଭୋଟରମାନଙ୍କ ସମ୍ପର୍କରେ ରାଜନୈତିକ ଦଳ ପ୍ରତିନିଧିମାନଙ୍କୁ ବୈଠକରେ ସୂଚନା ଦିଆଯିବା ସହିତ ସେମାନଙ୍କର ବିଭିନ୍ନ ସନ୍ଦେହକୁ ମଧ୍ୟ ଏଥିରେ ଦୂର କରାଯାଇଥିଲା। ଭୁଲ୍ ସତ୍ୟପାଠ କ୍ଷେତ୍ରରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ କୁହାଯାଇଥିଲା । ବୈଠକରେ ରାଜନୈତିକ ଦଳ ପ୍ରତିନିଧି ଶ୍ରୀ ଚିତରଂଜନ ପଣ୍ଡା, ଶ୍ରୀ ଗୋପୀନାଥ ପାଢୀ, ଶ୍ରୀ ନିରଞ୍ଜନ ପରିଡା, ଶ୍ରୀ ଶ୍ୟାମସୁନ୍ଦର ଜେନାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବା ବେଳେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ।




# କପା ଫସଲରେ ବକରା ପୋକ ଦମନ



ଭୁବନାନନ୍ଦ ଅଧିକାରୀ





ଆମ ରାଜ୍ୟରେ ଉତ୍ପାଦିତ ଅନେକ ଅର୍ଥକାରୀ ଫସଲ ମଧ୍ୟରୁ କପା ଫସଲ ଅନ୍ୟତମ । ରାଜ୍ୟର ପଶ୍ଚିମ ଭାଗରେ ଏହି ଫସଲ ବହୁଳ ମାତ୍ରାରେ ଉତ୍ପାଦିତ ହୋଇ ଆମ ଚାଷୀର ଜୀବନ ଧାରଣର ମାନ ନିର୍ଦ୍ଧାରଣ କରିଥାଏ । ପ୍ରତି ଫସଲ ପରି କପା ଫସଲରେ ମଧ୍ୟ କୀଟ ଜନିତ ସମସ୍ୟା ଦେଖାଯାଏ ଯାହା ଅମଳ ହ୍ରାସ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ତେଣୁ ଏହି କୀଟର ନିୟନ୍ତ୍ରଣ ନିମନ୍ତେ ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ସମନ୍ୱିତ କୀଟ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ । କପାର ଅନେକ ଅନିଷ୍ଟକାରୀ କୀଟମାନଙ୍କ ମଧ୍ୟରେ ବକରା ପୋକ ପ୍ରଜାତି ଗୁଡ଼ିକ ଅନ୍ୟତମ । ସାଧାରଣତଃ ତିନି ପ୍ରକାରର ବକରା ପୋକ କପା ଫସଲରେ କ୍ଷତି ପହଞ୍ଚାଇଥାଏ । ସେଗୁଡ଼ିକ ହେଲା ଆମେରିକୀୟ ବକରା ପୋକ, ଚିତ୍ରିତ ବକରାପୋକ ଓ ନାଲି ବକରା ପୋକ । ଏମାନଙ୍କ ଶୁକ ଯଥାକ୍ରମେ ସବୁଜ, ଫିକା ମାଟିଆ ଓ ଗୋଲାପି ବର୍ଣ୍ଣର ହୋଇଥାଆନ୍ତି । ଆମେରିକୀୟ ବକରା ପୋକର ଶୁକ ବିଭିନ୍ନ ବର୍ଣ୍ଣ ଧାରଣ କରିଥାଆନ୍ତି ଯାହାର ଦେହର ଉଭୟ ପାର୍ଶ୍ୱରେ ଗାର ରହିଥାଏ । କପା ଗଛର ପତ୍ର ଛୋଟ ଥିବା ଅବସ୍ଥାରେ ଛୋଟ ଶୁକ ଗୁଡ଼ିକ ପତ୍ରର ସବୁଜ କଣିକା ଖାଇ ପତ୍ର ନଷ୍ଟ କରିଥାଆନ୍ତି । ଆକ୍ରାନ୍ତ ଡାଳ ଗୁଡ଼ିକ ଝାଉଁଳି ପଡ଼େ । କଢ଼ ଝଡ଼ିପଡ଼େ । ଫଳରେ ଗୋଲାକାର ଛିଦ୍ର ଥାଏ । ଏହି ଛିଦ୍ରଟି ଶୁକର ମଳଦ୍ୱାରା ଆଚ୍ଛାଦିତ ହୋଇଥାଏ । ନାଲି ବକରା ଶୁକ ଫଳ ଭିତରେ ସମ୍ପୂର୍ଣ୍ଣ ପ୍ରବେଶ କରି ବିଶେଷ କ୍ଷତି କରିଥାଏ । କିନ୍ତୁ ଆମେରିକୀୟ ବକରା ଶୁକ ସାଧାରଣତଃ ଗୁଣ୍ଡ ସହ ଏହାର କିଛି ଅଂଶ ଫଳ ଭିତରେ ଥାଏ । ଆଉ ଅର୍ଦ୍ଧେକ ଫଳ ବାହାରେ ରହିଥାଏ ।

ପରିଚାଳନା ବ୍ୟବସ୍ଥା :

- ନିୟମିତ ସର୍ବେକ୍ଷଣ ଓ ଫସଲ କିଆରୀ ପର୍ଯ୍ୟବେକ୍ଷଣ ଜରୁରୀ । ପୋକର ଗତିବିଧି ଉପରେ ନଜର ରଖନ୍ତୁ ।
- ଗୋଟିଏ ସ୍ଥାନରେ ବାରମ୍ବାର କପାଚାଷ ନକରି ଫସଲ ପର୍ଯ୍ୟାୟ ଅବଲମ୍ବନ କରିବା ଉଚିତ୍ ।
- ଗଭୀର ଚାଷ ଓ ପରିଚ୍ଛନ୍ନ ଚାଷ ପଦ୍ଧତି ଅବଲମ୍ବନ କରନ୍ତୁ ।
- ଯନ୍ତା ଫସଲ ଭାବେ ଟମାଟୋ, ଭେଣ୍ଡି ଏବଂ ଅନ୍ତଃଫସଲ ଭାବେ ମକା, ଝୁଡ଼ଙ୍ଗ, ସୋୟାବିନ୍, ମୁଗ, ବିରି ଚାଷ କରନ୍ତୁ ।
- ହେକ୍ଟର ପ୍ରତି ୧୦ଟି ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ ।
- ଆକ୍ରାନ୍ତ ଫଳ, ଗଛ ଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ।
- ହେକ୍ଟର ପ୍ରତି ୨୫ଟି ବାଉଁଶ କଣି ପୋତିଲେ ପକ୍ଷୀମାନେ ଆଶ୍ରୟ ନେଇଥାଆନ୍ତି ଓ ଶୁକ ଗୁଡ଼ିକୁ ଖାଇ ଦିଅନ୍ତି ।
- ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ହେକ୍ଟର ପିଚ୍ଛା ୧,୫୦,୦୦୦କୁ ୧୦ ଦିନ ଅନ୍ତରରେ କପା ବୁଣାର ୪୫ ଦିନ ପରଠାରୁ ତିନିଥର ପ୍ରୟୋଗ କରନ୍ତୁ ।
- ଏଚ୍.ଏ.ଏନ୍.ପିଭି ଭୂତାଣୁ ଜାତ କୀଟନାଶକ ହେକ୍ଟର ପ୍ରତି ୨୫୦ ଶୁକ ସମତୁଲ ଫସଲରେ ୨୦ ଦିନ ମଧ୍ୟରେ ସିଂଚନ କଲେ ଆମେରିକୀୟ ବକରା ପୋକ ନିୟନ୍ତ୍ରିତ ହେବ ।
- ବିଟି.କେ ନାମକ ବୀଜାଣୁ ଜାତ ଉତ୍ପାଦ ହେକ୍ଟର ପ୍ରତି ୨ କିଗ୍ରା ପ୍ରୟୋଗ କଲେ (ସିଂଚନ) ସମସ୍ତ ପ୍ରକାର ବକରା ପୋକ ଦମନ ସମ୍ଭବ ହୁଏ ।
- ନିମଶସ ଉଦ୍ଧୃତାଂଶ (୫%) ବା ନିମ୍ବଜାତ କୀଟନାଶକ ନିୟମିତ ସିଂଚନ କରନ୍ତୁ ।
- ଏତଦ୍ ଭିନ୍ନ ଯଦି ପୋକର ମାତ୍ରାଧିକ ଆକ୍ରମଣ ହୁଏ କେବେ ନିମ୍ନ କୀଟନାଶକ ଗୁଡ଼ିକୁ ଅଦଳବଦଳ କରି ସିଞ୍ଚନ କରନ୍ତୁ ।

କୀଟତତ୍ତ୍ୱ ବିଭାଗ,
ଓ.ୟୁ.ଏ.ଟି, ଭୁବନେଶ୍ୱର
ମୋ- ୯୫୮୩୨୮୫୪୯୯

### ହାଣ୍ଡିଖତର ପ୍ରସ୍ତୁତି ଓ ପ୍ରୟୋଗ ବିଧି-

ଆବଶ୍ୟକୀୟ ସାମଗ୍ରୀ- ଗୋବର, ଗୋମୂତ୍ର, ଗୁଡ଼(୫୦ଗ୍ରାମ), ଅରଖପତ୍ର (୧କିଗ୍ରା), ନିମ୍ବ ପତ୍ର(୧କିଗ୍ରା).କରଂଜ ପତ୍ର(୧କିଗ୍ରା)

ପ୍ରସ୍ତୁତି ପ୍ରଣାଳୀ- ଗୋଟିଏ ବଡ଼ ମାଟି ହାଣ୍ଡିରେ ଆବଶ୍ୟକୀୟ ଗୋବର ଓ ଗୋମୂତ୍ର ପକାଇ ଘାଣ୍ଟନ୍ତୁ। ଏହା ପରେ ଏଥିରେ ଅରଖ ପତ୍ର,କରଂଜ ପତ୍ର ଓ ନିମ୍ବ ପତ୍ର ପକାଇ ଭଲଭାବରେ ମିଶେଇ ଗୋଳାପକାନ୍ତୁ। ଛାଇ ସ୍ଥାନରେ ୭-୮ ଦିନ ଯାଏଁ ରଖନ୍ତୁ।

ପ୍ରୟୋଗ ବିଧି- ପ୍ରତି ଏକ ଲିଟର ପାଣିରେ ୧୫-୨୦ମିଲି ଲେଖାଏଁ ପକାଇ ସ୍ପ୍ରେ କରନ୍ତୁ।

## ଧାନ ଫସଲରେ ପତ୍ରପୋଡ଼ା ରୋଗ ବ୍ୟାପୁଥିଲେ

ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ । ଏହାକୁ ମଧ୍ୟ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ ।

**ଲକ୍ଷଣ :**

* ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ ।
* ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ ।ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖି ଯିବାର ଦେଖାଯାଏ ।
* ୨୫-୩୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହଯୋଗୀ ।
* ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କଲେ ବେଶୀ ହୋଇଥାଏ ।

**ସମାଧାନ :**

* ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ ।
* ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ ।
* ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ ।
* ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

# ବାସୁମତୀ ଧାନ - କିଛି ଜଣା କିଛି ଅଜଣା



ସତ୍ୟଜିତ ମହାନ୍ତି

ବସୁମତୀ ଧାନ ସାଧାରଣତଃ ଏହାର ସୁଗନ୍ଧ ପାଇଁ ବେଶ ପରିଚିତ। ଏବେ ତ ଏହା ଘରେଘରେ ଉପଲବ୍ଧ। ଭାରତୀୟ ବଜାରରେ ଏହାର ଯେମିତି ଚାହିଦା ଠିକ ସେମିତି ଆ'ର୍ଜାତୀୟ ବଜାରରେ ବି ଏହାର ଚାହିଦା ଢ଼େର ବେଶୀ। ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତିରେ ମଧ୍ୟ ଏହାକୁ ବ୍ୟବହାର କରାଯାଏ। ବିରିଆନୀ , ପଲଉ, ଖିରି ପ୍ରଭୃତିରେ ଏହାର ଚାହିଦା ଅନେକ। ଏବେ ସୁଦ୍ଧା ୨୯ ପ୍ରକାରର ବସୁମତୀ କିସମ ଉପଲବ୍ଧ ଅଟେ। ଯଥା- ବସୁମତୀ୨୧୭, ବସୁମତୀ ୩୭୦, ପଂଜାବ ବସୁମତୀ , ବୈଭବ ବସୁମତୀ , ପଂଜାବ ବସୁମତୀ ୩, ପୁଷା ବସୁମତୀ ୨ ..ଇତ୍ୟାଦି

ଅମ୍ଳୀୟ ମାଟିରେ ସୁଗନ୍ଧିତ ବସୁମତୀ କିସମ-ଯାମିନୀ

ଏହା ସାଧାରଣତଃ ଉତ୍ତର ଭାରତ ରାଜ୍ୟ ଯଥା - ପଂଜାବ , ହରିଆଣା , ଦିଲ୍ଲୀ , ହିମାଚଳ ପ୍ରଦେଶ ପ୍ରଭୃତି ରାଜ୍ୟରେ ଚାଷ କରାଯାଏ।



## କ୍ଷାରଜଳ ଜାଲଘର ମାଛ

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ' ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷିପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମେନ୍ତ ।

କ୍ଷାରଜଳ ଜାଲଘର ମାଛଚାଷର **ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି ।
୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ, କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ ।
୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।
୪) ପୋଖରୀ, ଗାଡ଼ିଆ ପରି ମାନବ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।
୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି ।
୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।
୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।
୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ ।
୯) କୌଣସି ପ୍ରକାର ଭୂମି ଖଳନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ ।
୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ ।
୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

# ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି । ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିଂ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

ଜୈବିକ କୃଷିସାର କ'ଣ ?

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବ ମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ ଥାଏ । ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ । ଯେପରି କି ନାଇଟ୍ରୋଜେନ୍ ଫିକ୍ସିଙ୍ଗ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।

ବିଭିନ୍ନ ପ୍ରକାର ଜୈବିକ କୃଷିସାର :

୧) ରାଇଜବିଆ, ଅଜୋଟୋବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା ।
୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର ।

ଡାଲି ଜାତୀୟ ଫସଲ :



ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

ଶୈବାଳର ଉପଯୋଗିତା :

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ । କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା । ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ । (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ ।

ଫସ୍ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ :



ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍ଫରସ୍‌କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ) । ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :

ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

ଆଜୋଲା :

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ। ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।

**(ଯୋଗାଯୋଗ-ଶ୍ୟାମଳ ସୁବର୍ଣ୍ଣ,ବାସୁଦେବପୁର,ଭଦ୍ରକ)**




## କବି ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର (ପିଏନ୍): ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଚିବ, କବି, ଅଧ୍ୟାପକ ତଥା ସର୍ବସାଧାରଣର ସମ୍ପାଦକ ଡ଼. ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ ବିୟୋଗରେ ନବୀନ ଭବନ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ତଥା ନବୀନର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ବର୍ଷୀୟାନ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ କହିଥିଲେ ଯେ କବି, ଶିଳ୍ପୀ ଓ ସଙ୍ଗୀତଜ୍ଞଙ୍କ କେବେହେଲେ ମୃତ୍ୟୁ ନାହିଁ। ଏହି ଉଦାହରଣଟି କବି ହରପ୍ରସାଦଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ବୋଲି ସେ କହିଥିଲେ। ସଭାପତି ଶ୍ରୀ ରଥ ନିଜ ଭାଷଣରେ କବି ହରପ୍ରସାଦଙ୍କ ନବୀନ ସହ ଦୀର୍ଘଦିନର ସମ୍ପର୍କ ତଥା ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ବହୁମୂଲ୍ୟ ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଡମ୍ବରୁଧର ସାହୁ, ସମାଜସେବୀ ଏସ. ପ୍ରକାଶ ଚନ୍ଦ୍ର ପାତ୍ର, କବି କପିଳ ଚନ୍ଦ୍ର ମହାନ୍ତି, ସୁଶାନ୍ତ କର, ବନ୍ଦନା ମହାପାତ୍ର, ବି. ସତ୍ୟମ୍ ଆଚାରୀ, ମାନସ ରଞ୍ଜନ ତ୍ରିପାଠୀ, ସାମ୍ବାଦିକ ପବିତ୍ର ଚୌଧୁରୀ, ନବୀନର ପ୍ରକାଶିକା ମଞ୍ଜୁ ରଥ, ରବିନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ଦିବଂଗତ କବିଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ବର୍ଷୀୟାନ ମହିଳାଙ୍କ ପରଲୋକ

କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମର ସ୍ୱର୍ଗତ ଈଶ୍ୱର ପରିଡାଙ୍କ ଧର୍ମପତ୍ନୀ ତଥା ବର୍ଷୀୟାନ ମହିଳା ଉଦିଆ ପରିଡାଙ୍କ ୯୪ବର୍ଷ ବୟସରେ ବାର୍ଦ୍ଧକ୍ୟଜନିତ ରୋଗରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତା ପରିଡାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତି, ନାତୁଣିମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଜେନା, ସମାଜସେବୀ ନିରଞ୍ଜନ ପରିଡାଙ୍କ ସମେତ ପଞ୍ଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ରାଇପାଳସ୍ଥିତ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଜ୍ୟେଷ୍ଠପୁତ୍ର ନେତ୍ରାନନ୍ଦ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟରେ ନାତି ପ୍ରଦିପ, ଗଜେନ୍ଦ୍ର, ସମୀର , ସଂଗ୍ରାମ, ବିଶ୍ୱଜିତ, ସୁରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ୩୬ତମ କୋଣାର୍କ ନୃତ୍ୟ ଓ ସଂଗୀତ ଉତ୍ସବ ମାର୍ଚ୍ଚ ୨୦ରେ



କୋଣାର୍କ (ପିଏନ୍)- ଓଡ଼ିଶାର ପ୍ରଥିତଯଶା ନୃତ୍ୟଗୁରୁ ସ୍ୱର୍ଗୀୟ ପଦ୍ମଶ୍ରୀ ଡଃ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ୧୯୮୬ ମସିହାରେ ପ୍ରତିଷ୍ଠିତ ହୋଇଥିବା କୋଣାର୍କ ନାଟ୍ୟମଣ୍ଡପ ପକ୍ଷରୁ ୩୬ତମ କୋଣାର୍କ ନୃତ୍ୟ ଓ ସଂଗୀତ ଉତ୍ସବ ଆସନ୍ତା ମାର୍ଚ୍ଚ ମାସର ୨୦ ତାରିଖରେ ଅନୁଷ୍ଠିତ ହେବ ବୋଲି କୋଣାର୍କ ନାଟ୍ୟମଣ୍ଡପ ପକ୍ଷରୁ ସୂଚନା ଦିଆଯାଇଛି । କୋଭିଡ କଟକଣା ପାଇଁ ପଂଚଦିବସୀୟ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ନିର୍ଦ୍ଧାରିତ ସମୟ ଫେବୃୟାରୀ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ନ ହୋଇ ଚଳିତ ବର୍ଷ କେବଳ ମାର୍ଚ୍ଚ ମାସର ୨୦ତାରିଖରେ ଅନୁଷ୍ଠିତ ହେବ। ଏତଦବ୍ୟତିତ ଏହି ଅବସରରେ ଦିନବେଳା କୋଣାର୍କ ସାହିତ୍ୟ ଉତ୍ସବ ମଧ୍ୟ ଅନୁଷ୍ଠିତ ହେବ । ଏଥିନିମନ୍ତେ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି । ଶାସ୍ତ୍ରୀୟ ନୃତ୍ୟ, ସଂଗୀତ ଓ ଲୋକନୃତ୍ୟର ଏହି ଅପୂର୍ବ ସମାରୋହରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଳାକାରମାନେ ଯୋଗଦେଇ ନୃତ୍ୟାଭିନୟ ପ୍ରଦର୍ଶନ କରିବେ । ଏହି ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ ମାର୍ଚ୍ଚ ମାସ ୨୦ତାରିଖ ସନ୍ଧ୍ୟା ୬ଟା ୪୫ରେ ଉଦ୍‌ଘାଟିତ ହୋଇ ରାତି ୧୦ଟା ଉଦ୍‌ଯାପିତ ହୋବ । ଚାରୋଟି ପର୍ଯ୍ୟାୟରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଳାକାରମାନେ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଓ ଲୋକନୃତ୍ୟର ଅପୂର୍ବ ସମାରୋହ କୋଣାର୍କ ନାଟ୍ୟମଣ୍ଡପରେ ପ୍ରଦର୍ଶିତ କରିବେ। ଏହି ଉତ୍ସବରେ ନେତା, ମନ୍ତ୍ରୀ ଓ ପ୍ରଶାସକ, ପ୍ରଥିତଯଶା କଳାକାରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ମନ୍ଦାରିଆ ୬ନଂ. ବୁଥରୁ ଫେରିଲେ ଭୋଟର



ଫୁଲନଖରା (ପିଏନ୍)-ପ୍ରବଳ ଭିଡ଼, ଖରା ଓ ତାଲିକାରେ ନାମ ନଥିବାରୁ ଶତାଧିକ ଭୋଟର ମତଦାନ କରିନପାରି ଫେରିଯିବାକୁ ବାଧ୍ୟ ହୋଇଥିଲେ। ଏପରି ଅଭାବନୀୟ ଘଟଣା ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ମନ୍ଦାରିଆ ୬ନମ୍ବର ବୁଥରେ ଦେଖିବାକୁ ମିଳିଥିଲା। ୯ଶହରୁ ଅଧିକ ସଂଖ୍ୟକ ଭୋଟରଙ୍କ ପାଇଁ ଉକ୍ତ କେନ୍ଦ୍ରରେ ଗୋଟିଏ ବୁଥ ହୋଇଥିବାରୁ ଭୋଟ ଗ୍ରହଣ ନିର୍ଦ୍ଧାରିତ ସମୟରେ ଶେଷ ହୋଇ ନପାରି ସଂଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିଥିଲା। ତେବେ ପ୍ରବଳ ଖରା ଯୋଗୁଁ ଭୋଟରମାନେ ଘରକୁ ପଳାଇଥିଲେ। ସେଠାରେ ଛାଇ ପାଇଁ କୌଣସି ବ୍ୟବସ୍ଥା ହୋଇନଥିଲା। ଅନ୍ୟପକ୍ଷରେ ବହୁ ଭୋଟରଙ୍କ ନାମ ୬ନମ୍ବର ବୁଥରେ ନଥିଲାବେଳେ ସେମାନଙ୍କ ନାମ ମହାନ୍ତିପାଟଣା ବୁଥରେ ଥିବା ଜଣାପଡ଼ିବାରୁ ଅଧିକ ଦୂରତା ଯୋଗୁଁ ସେଠାକୁ ଅନେକ ଯାଇପାରିନଥିଲେ। ମନ୍ଦାରିଆପାଟଣା ବୁଥରେ ବହୁସଂଖ୍ୟକ ମହିଳା ଦୀର୍ଘ ସମୟ ଧରି ଖରାରେ ଠିଆ ହୋଇଥିବା ଦେଖାଯାଇଥିଲା।

## ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱ

ଭୁବନେଶ୍ୱର (ପିଏନ୍): ଆମ ରାଜ୍ୟ ଓଡିଶା ୧୯୩୬ ମସିହାରେ ପ୍ରଥମେ ଭାଷାଭିତିକ ରାଜ୍ୟ ଭାବେ ଗଠନ ହୋଇଥିଲେ ମଧ୍ୟ ବିଦ୍ୟାଳୟରେ ଓ ଦୈନନ୍ଦିନ ବ୍ୟବହାରରେ ଓଡିଆ ଭାଷା ପ୍ରତି ଆଗ୍ରହ କମିଥିବା ଯୋଗୁଁ ଆମ ମାତୃଭାଷା ଆଜି ଅବହେଳାର ଶିକାର ହେଉଛି । ଏଣୁ ଅଭିଭାବକ ମାନେ ନିଜ ପିଲାମାନଙ୍କର ଓଡିଆ ଶିକ୍ଷା ଦାନ ଉପରେ ଗୁରୁତ୍ୱ ଦେବାକୁ ଉତ୍କଳ ସମ୍ମିଳନୀ ପକ୍ଷରୁ ଅନୁରୋଧ କରାଯାଇଛି । ବିଶ୍ୱ ମାତୃଭାଷା ଦିବସ ଅବସରରେ ବୀର ସୁରେନ୍ଦ୍ର ସାଏ ନଗର ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ସଭାରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ପକ୍ଷରୁ ସମରଂଜନ ମହାନ୍ତିଙ୍କୁ ସମ୍ମାନିତ କରିଥିଲେ ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା । ଏହି ସଭାରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ପ୍ରତାପ କୁମାର ସ୍ୱାଇଁ, ପ୍ରସନ୍ନ କୁମାର ରଥ, ମହେଶ୍ୱର ବିଶ୍ୱାଳ, ପ୍ରତାପ ନନ୍ଦ, ଇଂ ନଳିନୀ ମହାନ୍ତି ଓ ରାମଚନ୍ଦ୍ର ସାମଲ ଆଦି ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଧନ୍ୟବାଦ ଜ୍ଞାପନ କରିଥିଲେ ।

## ରବିନାରାୟଣ ବର୍ମାଙ୍କ ପ୍ରଥମ ପୂଣ୍ୟତିଥିରେ ଓକିଲ ସଂଘର ଶ୍ରଦ୍ଧାଞ୍ଜଳି ସଭା

ଖୋର୍ଦ୍ଧା (ପିଏନ): ଖୋର୍ଦ୍ଧାର ନ୍ୟାୟାଳୟ ପରିସରରେ ରବିନାରାୟଣ ବର୍ମାଙ୍କ ପ୍ରଥମ ପୂଣ୍ୟ ତିଥିରେ ଖୋର୍ଦ୍ଧା ଓକିଲ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଓକିଲ ସଂଘର ସଭାପତି ଅଜିତ ପଟ୍ଟନାୟକଙ୍କ ପୌରୋହିତ୍ୟରେ ମେଜର କ୍ଷିରୋଦ ପ୍ରସାଦ ମହାନ୍ତି, ଦେବପ୍ରସାଦ ମଜୁମଦାର, ସୁକାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶ୍ରୀ ବର୍ମାଙ୍କ କର୍ମମୟ ଜୀବନ ଉପରେ ସ୍ମୃତିଚାରଣ କରିଥିଲେ। ଏଥିରେ ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ରୋଟାରିଆନ ପ୍ରହ୍ଲାଦ ପ୍ରଧାନ, ଦିଲ୍ଲୀପ କୁମାର ସାହୁ, ସଭ୍ୟ ରଜନୀକାନ୍ତ ପଟ୍ଟନାୟକ, ନୃସିଂହ ମିଶ୍ର, ଶକ୍ତିକାନ୍ତ ମିଶ୍ର, ପୁଷ୍ପାଞ୍ଜଳୀ ମହାପାତ୍ର, ପ୍ରାଣକୃଷ୍ଣ ଦଳ ବେହେରାଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ ।

# 'ମୁଁ ବିଜୁ ପଟ୍ଟନାୟକ କହୁଛି'...





ମୁଁ ବିଜୁ ପଟ୍ଟନାୟକ କହୁଛି। ଓଡ଼ିଶା କହିଲେ ବିଜୁ ପଟ୍ଟନାୟକ। ବିଜୁ ପଟ୍ଟନାୟକ କହିଲେ ଓଡ଼ିଶା। ଏହି ଗର୍ବ, ଏହି ବାର୍ତ୍ତା, ଏଭଳି ମନ୍ତବ୍ୟ ପାଇଁ ବିଜୁ ପଟ୍ଟନାୟକ ଆଜି ଆଉଜଣେ ରାଜନୈତିକ ବ୍ୟକ୍ତି ହୋଇ ରହିନାହାଁନ୍ତି। ସେ 'ବିଜୁ ତତ୍ତ୍ୱ'ରେ ପରିଣତ ହୋଇଯାଇଛନ୍ତି। ବିଜୁ ପଟ୍ଟନାୟକଙ୍କର ବ୍ୟକ୍ତିତ୍ୱକୁ 'ବିଜୁ ତତ୍ତ୍ୱ' କହିବାର କାରଣ ହେଲା, ସେ ରାଷ୍ଟ୍ରବାଦୀ ଓ ଜାତୀୟବାଦୀ 'ବିଜୁ' ଥିଲେ। ବିଜୁ ପଟ୍ଟନାୟକ ବ୍ୟକ୍ତିକୁ ଗୁରୁତ୍ୱ ନଦେଇ, ରାଷ୍ଟ୍ର ବା ଜାତିକୁ ଗୁରୁତ୍ୱ ଦେଉଥିଲେ। ଖାରବେଳଙ୍କ ଶାସନ କାଳରେ ଆଜିର ଓଡ଼ିଶା ଯେତେବେଳେ କଳିଙ୍ଗ ନାମରେ ଖ୍ୟାତି ଅର୍ଜନ କରି ସମଗ୍ର ବିଶ୍ୱରେ ପ୍ରତିଷ୍ଠା ଲାଭ କରିଥିଲା- ସେଦିନର ବିକାଶକୁ ଓଡ଼ିଶାକୁ ଫେରାଇ ଆଣିବାକୁ ସେ ସ୍ୱପ୍ନ ଦେଖିଥିଲେ। ସେଦିନର ବିକାଶକୁ ମନେ ପକାଇବା ପାଇଁ ଯୁବାବସ୍ଥାରେ ସେ ପ୍ରତିଷ୍ଠା କରିଥିଲେ ଆନ୍ତର୍ଜାତୀୟ 'କଳିଙ୍ଗ ପୁରସ୍କାର'। ନିଜ ଆକାଶମାର୍ଗ ପରିବହନ ସଂସ୍ଥାର ନାମ ଦେଇଥିଲେ 'କଳିଙ୍ଗ ଏୟାର ୱେଜ'। ନିଜ ଲୁହା ପାଇପ୍ କାରଖାନାର ନାମ ଦେଇଥିଲେ 'କଳିଙ୍ଗ ଟ୍ୟୁବ୍‌ସ'। ନିଜ ପ୍ରକାଶିତ ସମ୍ବାଦପତ୍ରର ନାମ ରଖିଥିଲେ 'କଳିଙ୍ଗ' ଇତ୍ୟାଦି ଇତ୍ୟାଦି।

କଳିଙ୍ଗ ନାମକରଣ ମୂଳରେ ତାଙ୍କର ରାଷ୍ଟ୍ରବାଦୀ ଓ ଜାତୀୟତାବାଦୀ ଚେତନା ଲୁକ୍କାୟିତ ଥିଲା। କୌଣସି କାମ ଓଡ଼ିଶାର ବିକାଶ ପାଇଁ ଉପଯୁକ୍ତ ମନେକଲେ ତାକୁ କାର୍ଯ୍ୟକାରୀ କରିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ। ଯେତେ ବିରୋଧ, ବାଧାବିଘ୍ନ ଆସୁପଛେ, କୌଣସି ପରିସ୍ଥିତିରେ ତାଙ୍କର ଖାତିର ନଥିଲା। ଗୋଟିଏ ଉଦାହରଣସ୍ୱରୂପ ପାରାଦ୍ୱୀପ ବନ୍ଦର କଥା। ସେ ହୃଦୟଙ୍ଗମ କଲେ ଯେ, ପାରାଦ୍ୱୀପ ବନ୍ଦର ଓଡ଼ିଶାର ବିକାଶ ପାଇଁ ଅତ୍ୟନ୍ତ ଉପଯୋଗୀ ହେବ। ପଣ୍ଡିତ ନେହେରୁଙ୍କୁ ପ୍ରବର୍ତ୍ତାଇ, ବନ୍ଦରର ଶୁଭ ଦେଲେ। ତତ୍କାଳୀନ ତୁଙ୍ଗନେତା ମାନଙ୍କର ପ୍ରବଳ ବିରୋଧ ସତ୍ତ୍ୱେ ସେତେବେଳେ ଏଥିପାଇଁ ତାଙ୍କୁ ଅନେକ ମୂଲ୍ୟ ଦେବାକୁ ପଡ଼ିଥିଲା। କିନ୍ତୁ ଆଜି ଦେଖନ୍ତୁ ଓଡ଼ିଶାର ଅର୍ଥନୈତିକ ବିକାଶରେ ପାରାଦ୍ୱୀପ ବନ୍ଦର କିପରି ମୁଖ୍ୟ ଭୂମିକା ଗ୍ରହଣ କରିଛି।

୧୯୬୧ ମସିହାରେ ରାଜ୍ୟରେ କଂଗ୍ରେସ ଦଳର ନେତୃତ୍ୱ ନେଲେ। ପ୍ରଥମଥର ପାଇଁ ଶାସନ କ୍ଷମତାକୁ ଆସିଲେ ବିଜୁ ପଟ୍ଟନାୟକ। ମାତ୍ର ୨ବର୍ଷ ୩ ମାସ ୮ ଦିନ ମୁଖ୍ୟମନ୍ତ୍ରୀ ଗାଦିରେ ରହିପାରିଥିଲେ। କାମରାଜ ଯୋଜନା ଅନୁଯାୟୀ ୧୯୬୩ ମସିହା ସେପ୍ଟେମ୍ବର ମାସରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ପଡ଼ିଥିଲା। କିନ୍ତୁ ୧୯୯୦ ମସିହାରେ ଜନତା ଦଳର ସରକାରରେ ନେତୃତ୍ୱ ନେଇ ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ପୁଣି କ୍ଷମତାସୀନ ହୋଇଥିବା 'ବିଜୁ ପଟ୍ଟନାୟକ' ପୁରା ପାଂଚବର୍ଷ ନିରଙ୍କୁଶ କ୍ଷମତା ଉପଭୋଗ କରିବାରେ ସୁଯୋଗ ଲାଭ କରିଥିଲେ। ଏହା ପୂର୍ବରୁ ଆମ୍ଭେ ରାଜ୍ୟ ଛାତ୍ର ଜନତା ଦଳର ନେତୃତ୍ୱ ନେଇ ବୁର୍ଲା ଇଞ୍ଜିନିୟରିଂ ଛାତ୍ର ହତ୍ୟା ଆନ୍ଦୋଳନକୁ ବ୍ୟାପକ ତଥା ତୀବ୍ର ଆକାରରେ ସାରା ରାଜ୍ୟରେ ବ୍ୟାପକ କରିଥିଲୁ। ସଭାପତି ଉମାବଲ୍ଲଭ ରଥ ଏହାର ନେତୃତ୍ୱ ନେଉଥିବା ବେଳେ, ମୁଁ ରାଜ୍ୟର ସାଧାରଣ ସମ୍ପାଦକ ଭାବରେ ରାଜ୍ୟର ହୃଦ୍‌ଗୌରବକୁ ଫେରାଇ ଆଣିବା ପାଇଁ ଯତ୍‌ପରନାସ୍ତି ଚେଷ୍ଟା କରିଥିଲୁ। ସେହି ସମୟରେ ଉମା ରଥ ଓ ଅଶୋକ ଦାସଙ୍କ ଜରିଆରେ 'ବିଜୁବାବୁ' ମୋତେ ଜାଣିବା ପରେ ମୋତେ ରାଜ୍ୟ ଛାତ୍ର ଜନତା ଦଳରେ ସାମିଲ୍ କରିଥିଲେ। ତେବେ ଏହି ସମୟରେ ତାଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କଲାଭଳି ବ୍ୟକ୍ତିତ୍ୱ ନିଜର ଦଳ ଭିତରେ କିମ୍ବା ବିଧାନସଭାରେ ନଥିବାରୁ ବିଜୁବାବୁ ରାଜ୍ୟର ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବରେ ଜନସାଧାରଣଙ୍କ ଦ୍ୱାରା ଗ୍ରହଣୀୟ ଓ ଆଦରଣୀୟ ହୋଇପାରିଥିଲେ। ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀତ୍ୱ କାଳରେ ନିଜର ଦୃଢ ରାଜନୈତିକ ଇଚ୍ଛାଶକ୍ତି ଏବଂ ମନର ଉଦ୍ଦୀପନା ବଳରେ ଆଗକୁ ମାଡ଼ି ଚାଲିବାର ମନୋବଳ ତାଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟକଳାପରେ ପ୍ରତିଫଳିତ ହୋଇଥିଲା। ୧୯୯୦ ମାର୍ଚ୍ଚରୁ ୧୯୯୫ ମାର୍ଚ୍ଚ ମଧ୍ୟରେ ସୀମିତ ଥିବା ତାଙ୍କର ମୁଖ୍ୟମନ୍ତ୍ରୀତ୍ୱ କାଳରେ ବିଜୁ ପଟ୍ଟନାୟକ ଏଭଳି କେତେକ ପଦକ୍ଷେପ ଗ୍ରହଣ କରିଥିଲେ କିମ୍ବା ମନ୍ତବ୍ୟ ଦେଇଥିଲେ, ଯାହା କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ଚର୍ଚ୍ଚିତ, ବିତର୍କିତ ଏବଂ ବିବାଦୀୟ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଗାଦିକୁ ଆସିବା ମାତ୍ରେ ଓଡ଼ିଶା ଗଠନ ହେବା ପରଠାରୁ କେହି ୧୩ରୁ ୧୪ଟି ଜିଲ୍ଲା କରିପାରି ନଥିଲେ। ସେ ଗୋଟିଏ କଲମ ଗାରରେ ୧୩ରୁ ୩୦ଟି ଜିଲ୍ଲା କରିଦେଲେ। ସେଥିପାଇଁ କେତେକ ସମାଲୋଚନା ମଧ୍ୟ କଲେ। କିନ୍ତୁ ଆଜି ସମଗ୍ର ଦେଶରେ ଆଇନ୍‌ଶୃଙ୍ଖଳାର ଯେପରି ଅବନତି ହୋଇଚାଲିଛି, ୧୩ଟି ଜିଲ୍ଲା କ'ଣ ଏହାକୁ ସମ୍ଭାଳି ପାରିଥା'ନ୍ତେ? ରାଜ୍ୟର ସର୍ବନିମ୍ନ ଦୈନିକ ମଜୁରୀ ୧୧ ଟଙ୍କାରୁ ୨୫ ଟଙ୍କାକୁ ବୃଦ୍ଧି କରି ବିଜୁ ପଟ୍ଟନାୟକ ଯେତିକି ପ୍ରଶଂସିତ ହୋଇଥିଲେ, କଟକ ସହରର ଭୟାବହ ମଦମୃତ୍ୟୁ ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କୁ ଦେଖିବାକୁ ନଯିବା ଓ ସେମାନଙ୍କ ପରିବାରକୁ ସମବେଦନା ନ ଜଣାଇବା ଯୋଗୁ ସେତିକି ସମାଲୋଚିତ ହୋଇଥିଲେ। ମଦ୍ୟପମାନଙ୍କ ପ୍ରତି ମୋର ଦରଦ ନାହିଁ, ମୁଁ କ'ଣ ଖାଲି ଶବ ଦେଖିବାକୁ ଯାଇଥା'ନ୍ତି ବୋଲି 'ବିଜୁ'ଙ୍କ ମନ୍ତବ୍ୟ ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ସେ ଶାସନରେ ଥିଲାବେଳେ ଅନୁଭବ କଲେ ଯେ, ଅମଲାତନ୍ତ୍ର ସାଧାରଣ ଲୋକଙ୍କ ସମସ୍ୟା ବୁଝୁନାହିଁ ଏବଂ ଅନେକ କ୍ଷେତ୍ରରେ ଶୋଷଣ କରୁଛି। ସେ ଏହା ଲକ୍ଷ୍ୟ କରି ବିରକ୍ତ ହୋଇ ସର୍ବସାଧାରଣରେ କହିଦେଲେ, ଦୁର୍ନୀତି କଲେ ଏବଂ କାମ ନକଲେ ଅମଲାତନ୍ତ୍ରର କାର୍ଯ୍ୟକର୍ତ୍ତାଙ୍କୁ ମାରିଦିଅ। ମୁଁ ଏହି ଆହ୍ୱାନକୁ ସହୃଦୟତାର ସହ ଗ୍ରହଣ କରି ପ୍ରଥମ ପଦକ୍ଷେପ ଭାବେ ପୁରୁଣା ଭୁବନେଶ୍ୱର, ଲିଙ୍ଗରାଜ ଥାନାରେ ଥିବା ସେତେବେଳର ଆଇ.ଆଇ.ସି. ସୁବାଷ ମହାପାତ୍ରଙ୍କୁ ୧୯୯୪ ମସିହା ଜୁଲାଇ ୧୩ ତାରିଖ, ରାତ୍ର ୧୨ଟା ସମୟରେ ଜଣେ ଗରୀବ ଲୋକଙ୍କ ଉପରେ ଶୋଷଣ, ଭକ୍ଷଣ, ଦୁର୍ନୀତି ଓ ଅତ୍ୟାଚାର ଅଭିଯୋଗରେ ଏହି କ୍ରମେ ତାଙ୍କୁ ମାଡ଼ ମାରି ଗିରଫ ହୋଇଥିଲି। ଏକଥା ମୁଁ ବିଜୁବାବୁଙ୍କୁ ନଜଣାଇ ଦୀର୍ଘ ୯ ବର୍ଷ ପର୍ଯ୍ୟନ୍ତ କେସ୍ ଲଢି ନିର୍ଦ୍ଦୋଷରେ ୨୦୦୪ ସାଧାରଣ ନିର୍ବାଚନ ସରିବା ପରେ ଖଲାସ ହୋଇଥିଲି। ଯାହା ସେତେବେଳେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସେଥିପାଇଁ ମୁଁ, ମୋ ସରକାର ଓ ସେ ସମାଲୋଚିତ ହେଲୁ। ଯାହାହେଲେ ବି ସାଧାରଣ ଲୋକଙ୍କ ମନୋଭାବ ସର୍ବସାଧାରଣ ପ୍ରକାଶ କରି ଅମଲାତନ୍ତ୍ରକୁ ସତର୍କ କରାଇ ଦେଇପାରିଲେ। ସେଥିରୁ ଯେ ସୁଫଳ ନ ମିଳିଲା ତାହା ନୁହେଁ, ସେହିପରି ଦେଶର ବିଶୃଙ୍ଖଳିତ ସ୍ଥିତିକୁ ଲକ୍ଷ୍ୟ କରି ସେ କହିଲେ, କିଛିଦିନ ମିଲିଟାରୀ ଶାସନ ଦେଶରେ ହେଲେ, ଦେଶ ସୁଧୁରି ଯାଆନ୍ତା। ସମସ୍ତେ ଏକଥା ଡ୍ରଇଁରୁମ୍‌ରେ ବିଲୁଆ ବିଚାର ପରି କହନ୍ତି। କିନ୍ତୁ ସେ ସର୍ବସାଧାରଣରେ ଏହା କହିଦେଲେ। ଯେଉଁ କଥାକୁ ତାଙ୍କର ଏକଦା ଅବୁଝା ପୁଅ କହୁଥିବା ଜଣେ ନେତା ନିଜେ ମନ୍ତ୍ରୀ ହେବା ପାଇଁ କେନ୍ଦ୍ର ନେତୃତ୍ୱ ପାଖରେ ଏକଥା ପ୍ରକାଶ କରିଦେଇ 'ବିଜୁ ପଟ୍ଟନାୟକ'ଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବଞ୍ଚିତ କରିବା ପାଇଁ ଉଦ୍ୟମ କରିଥିବା ଦେଶରେ ଆଲୋଚିତ ହୋଇଥିଲା।

ସେ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ରଖୁଥିଲେ। ନିର୍ଭୀକ ଓ ସ୍ପଷ୍ଟବାଦୀ ଭାବରେ ମୁଁ ଜାଣେ, ବିଜୁ ପଟ୍ଟନାୟକ ଟେଲିଫୋନ ନିଜେ ଧରନ୍ତି। କାହା ଦ୍ୱାରା ଧରାଇ ବାବୁ ଘରେ ନାହାଁନ୍ତି ଅବା ବାଥରୁମ୍‌ରେ ଅଛନ୍ତି ବୋଲି କହି ଏଡ଼ାଇ ଯାଆନ୍ତି ନାହିଁ। ଲୋକମାନଙ୍କ ସମସ୍ୟା ଜାଣିବା ପାଇଁ ସେମାନଙ୍କ ସହ ମିଶନ୍ତି। ସେମାନଙ୍କର ଦେବା ପ୍ରସ୍ତାବ ମନକୁ ପାଇଲେ, ତାହା କାର୍ଯ୍ୟକାରୀ କରନ୍ତି। ଦୈନିକ ମଜୁରୀକୁ ହଠାତ୍ ୧୧ଟଙ୍କାରୁ ୨୫ ଟଙ୍କା କରିବା ମୂଳରେ ଜନୈକ ଆଦିବାସୀ ବୃଦ୍ଧାଙ୍କର ପ୍ରସ୍ତାବ ଥିଲା। ଓଡ଼ିଶାରେ ଯେତେବେଳେ ଦୈନିକ ମଜୁରୀ ୨୫ ଟଙ୍କା ବୃଦ୍ଧି କରିଦେଲେ, ଭାରତରେ ଅନ୍ୟ କୌଣସି ରାଜ୍ୟରେ ୨୫ଟଙ୍କା ନଥିଲା। ପରେ ଅନ୍ୟମାନେ 'ବିଜୁ'ଙ୍କ ପଦାଙ୍କ ଅନୁସରଣ କରି ମଜୁରୀକୁ ୨୫ ଟଙ୍କା ବୃଦ୍ଧି କଲେ। ସଫଳତାର ସହ କାର୍ଯ୍ୟ କରିବା ପ୍ରଣାଳୀ ସ୍ଥୁଳ ଭାବରେ ବିଜୁ ପଟ୍ଟନାୟକଙ୍କର ବ୍ୟକ୍ତିତ୍ୱର ମୂଳତତ୍ତ୍ୱ ଥିଲା। ବିଜୁଙ୍କ ମୃତ୍ୟୁ ପରେ ତାଙ୍କର ଶୋଭାଯାତ୍ରା ଯେତେବେଳେ ଭୁବନେଶ୍ୱରରୁ ପୁରୀ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ହେଲା, ଲକ୍ଷ ଲକ୍ଷ ଲୋକଙ୍କ ସନ୍ଧ୍ୟାରେ ଶୋକାକୁଳ ହୋଇ ଶୋଭାଯାତ୍ରାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ। ଅନୁଭୂତ ହେଲା ଯେ ଯେ ସତେ ଯେପରି ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହେଉଛି।

ବିଜୁ ପଟ୍ଟନାୟକ ଯେତେବେଳେ ରାଜ୍ୟସ୍ତରୀୟ ଦଳ ଗଢିଥିଲେ ତାହାର ନାମ ରଖିଥିଲେ 'ଉତ୍କଳ କଂଗ୍ରେସ'। ଯଦି 'ବିଜୁତତ୍ତ୍ୱ' ବା ବିଚାରଧାରାକୁ ଲୋକମାନଙ୍କ ନିକଟରେ ଓ ନୂତନ ପୀଢି ପାଖରେ ପହଞ୍ଚାଇବାକୁ ହେବ, ତାହାହେଲେ ଏକ ଅଣରାଜନୈତିକ ଅନୁଷ୍ଠାନ ଗଢି ଗବେଷଣା ଆରମ୍ଭ ହେବା ଉଚିତ୍ ଏବଂ ତା'ର ସାରମର୍ମ ଲୋକଙ୍କ ନିକଟରେ ପହଞ୍ଚାଇବା ଆବଶ୍ୟକ। ଏହାକୁ ଏକ ଅଣରାଜନୈତିକ ଆନ୍ଦୋଳନରେ ପରିଣତ କରାଯାଉ। ବିଜୁ ପଟ୍ଟନାୟକଙ୍କ ନାମରେ ଭୋଟ ଭିକ୍ଷା କରୁଥିବା ଦୁର୍ନୀତିଗ୍ରସ୍ତ ନେତାଙ୍କର ମୁଖା ଖୋଲାଯାଉ। ଯେଉଁମାନଙ୍କର ବିଜୁବାବୁଙ୍କର ଜୀବଦ୍ଦଶାରେ ସମର୍ଥନ କରି ସୁଦିନ, ଦୁର୍ଦ୍ଦିନରେ ପାଖେପାଖେ ଥିଲେ ଆଉ ବିଜୁ ଜନତା ଦଳ ଗଠନରେ ମୁଖ୍ୟଭୂମିକା ନେଇଥିଲେ, ସେମାନେ ଆଜି ପ୍ରାୟ ଦଳରେ ନାହାଁନ୍ତି। ସେମାନେ ତଡା ଖାଇଛନ୍ତି ଅବା ଛାଏଁ ଛାଏଁ ଅପସରି ଯାଇଛନ୍ତି। ସେମାନେ କହନ୍ତି, 'ବିଜୁତତ୍ତ୍ୱ'ର ଦାୟାଦ ସେମାନେ। ସେମାନଙ୍କ ମଧ୍ୟରୁ କେତେକ ଉପରେ ତ' ଅନ୍ୟ କେତେକ ତଳେ ରହି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି।

ସର୍ବଶେଷରେ ମୁଁ ସେମାନଙ୍କୁ ଏବେ ବି ଆହ୍ୱାନ କରୁଛି, ବିଜୁବାବୁଙ୍କର ସେମାନଙ୍କ ପ୍ରତି ଆଶୀର୍ବାଦ ଅଛି ଏବଂ ବର୍ତ୍ତମାନ ରାଜ୍ୟରେ ଯେଉଁଭଳି ଭାବରେ ରାଜନୈତିକ କ୍ଷେତ୍ରରେ, ସାମ୍ପ୍ରତିକ ସ୍ଥିତିରେ ଶୂନ୍ୟସ୍ଥାନ ହୋଇଗଲାଣି, ତାକୁ ପ୍ରତିହତ କରିବା ପାଇଁ ବିକଳ୍ପ ଭାବରେ ବିଜୁ ପଟ୍ଟନାୟକଙ୍କର ଗଭୀର ଆଶୀର୍ବାଦ ଥିବା ତାଙ୍କର ଅବୁଝା ପୁଅ ଶ୍ରୀକାନ୍ତ ଭାଇ, ଦିଲ୍ଲୀପ ଭାଇ, ବିଜୟ ଭାଇ, ବ୍ରଜ ତ୍ରିପାଠୀ, ଦାମ ଭାଇ, ବାବା ପ୍ରସନ୍ନ ଭାଇ, ପଞ୍ଚୁଭାଇ, ଲୁଲୁଭାଇ (ଉମାରଥ), କମଳା ଦାସ ପ୍ରମୁଖ 'ନବଗ୍ରହ' ଭାବରେ ଏକତ୍ରିତ ହୋଇ ରାଜ୍ୟବାସୀଙ୍କର ଅକୁଣ୍ଠ ସମର୍ଥନ ପାଇବା ପାଇଁ ଏକ ଦ୍ୱିତୀୟ ସାମ୍ମୁଖ୍ୟ ବା ଦ୍ୱିତୀୟ ବିଜୁ ଜନତା ପାର୍ଟି (ବିଜେପି) ଦଳ ନାମରେ ଗଠନ କରି ଏହାର ନେତୃତ୍ୱ ନେବାକୁ ଯେତେଶୀଘ୍ର ଆଗେଇ ଆସିବା ଉଚିତ୍। ସେମାନେ ଆଜି ଦିଗହରା ଓ ହତାଶଭାବ ନହୋଇ 'ବିଜୁବାବୁ' ଆଜି ସ୍ୱର୍ଗରେ ଥାଇ ତାଙ୍କର ଅମର ଆତ୍ମା, ତାଙ୍କର ଉପଯୁକ୍ତ ଦାୟାଦମାନଙ୍କୁ ଆଶୀର୍ବାଦ ଢାଳିଦିଅନ୍ତୁ, ଏତିକି ବାବା ଶ୍ରୀ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଠାରେ ପ୍ରାର୍ଥନା କରିବା ସହିତ ମୋର ହୃଦୟରେ ଭରି ରହିଥିବା ତାଙ୍କ ପ୍ରତି ଗଭୀର ଭକ୍ତି ଶ୍ରଦ୍ଧା ସୁମନ ଅର୍ପଣ କରୁଛି। **ଜୟ ବିଜୁ, ଜୟ ଓଡ଼ିଶା...**

**ପ୍ରଦୀପ ସେନାପତି, ପୂର୍ବତନ ରାଜ୍ୟ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ, ରାଜ୍ୟ ଯୁବ ଜନତା ଦଳ (ଏସ୍)ର ସଭାପତି, ପୁରୁଣା ଭୁବନେଶ୍ୱର-୨, ମୋ: 9438446575**

## ପରିତ୍ୟକ୍ତ କ୍ୱାର୍ଟର୍ସରୁ କଙ୍କାଳ ଜବତ ହେବା ଘଟଣାରେ ମୃତା ମହିଳାଙ୍କ ସୁରାକ୍ ମିଳୁନି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପରିତ୍ୟକ୍ତ ଷ୍ଟାଫ୍ କ୍ୱାର୍ଟର୍ସରୁ ପୁଲିସ୍ ଜଣେ ମହିଳାଙ୍କ କଙ୍କାଳକୁ ଉଦ୍ଧାର କରିଛି । ଘଟଣାକୁ କିଛିଦିନ ବିତିଯାଇଥିଲେ ମଧ୍ୟ ମୃତା ମହିଳାଙ୍କ ପରିଚୟ ମିଳିନାହିଁ । ଉକ୍ତ ମହିଳାଙ୍କୁ ଏଠାରେ ହତ୍ୟା କରାଯାଇଛି ନା' ଅନ୍ୟତ୍ର ହତ୍ୟା କରାଯାଇ ଏଠାରେ ଆତ୍ମହତ୍ୟାର ରୂପ ଦିଆଯାଇଛି, ଏ ସଂପର୍କରେ କୌଣସି ସୁରାକ୍ ପୁଲିସ୍‌କୁ ମିଳିନାହିଁ । ଏହି ପରିତ୍ୟକ୍ତ ଘରକୁ ନରକଙ୍କାଳ କିପରି ଆସିଲା ଏବଂ ଏକଥା କେହି କିପରି ଜାଣି ପାରିଲେ ନାହିଁ, ଏହାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଘଟଣାସ୍ଥଳର ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି । ସୁଚିଂତ ଉପାୟରେ ହତ୍ୟାକାରୀ ଘଟଣାର ସମସ୍ତ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଛି । ଘଟଣାସ୍ଥଳରୁ ଜବତ ହୋଇଥିବା ଖପୁରୀ, କିଛି ହାଡ, ଲମ୍ବା ଚୁଟି, ଶାଢ଼ୀ, ଡ୍ରେସ୍, ଓଢ଼ଣୀ, ଚପଲ, ବୋତଲ ଆଦି ସାମଗ୍ରୀକୁ ସଂଗ୍ରହ କରି ପୁଲିସ୍ ପରୀକ୍ଷା ନିମନ୍ତେ ପଠାଇଛି । ନିକଟରେ ଶନିଦେବ ଓ ତ୍ରିନାଥ ମନ୍ଦିର ରହିଥିବା ବେଳେ ପଛପାର୍ଶ୍ୱରେ ବ୍ଲକ ଷ୍ଟାଫ୍ କ୍ୱାଟର ରହିଛି । ଘର ସମ୍ମୁଖ ରାସ୍ତାରେ ପ୍ରତ୍ୟହ ଶହ ଶହ ଲୋକ ଯାତାୟାତ କରିଥାନ୍ତି । ଏହା ସତ୍ତ୍ୱେ କିପରି ମୃତଦେହର ପଚାଗନ୍ଧକୁ କେହି ବାରି ପାରଲେ ନାହିଁ, ନାଁ ଏହାକୁ କେହି ଗୁରୁତ୍ୱ ଦେଲେ ନାହିଁ ଏହା ତଦନ୍ତ ପରିସରଭୁକ୍ତ ହେବା ଆବଶ୍ୟକ । ଏହି ପୁରୁଣା କ୍ୱାର୍ଟର୍ସରେ ୯ବର୍ଷ ପୂର୍ବେ ହରିଦାସପୁର ପଞ୍ଚାୟତର ପୂର୍ବତନ ପିଇଓ ସ୍ମିତାରାଣୀଙ୍କ ବାପା ସଦାନନ୍ଦ ବିଶ୍ୱାଳଙ୍କ ପରିବାର ରହୁଥିବା ବେଳେ ଏହା ପଛପାର୍ଶ୍ୱ କ୍ୱାର୍ଟର୍ସରେ ସ୍ମିତାରାଣୀ ମୃତ୍ୟୁ ପର୍ଯ୍ୟନ୍ତ ରହୁଥିଲେ । ମହୁଚାଷ ଅଧିକାରୀ ଶ୍ରୀ ବିଶ୍ୱାଳ ୨୦୧୩ରେ ଚାକିରୀରୁ ଅବସର ଗ୍ରହଣ କରିବା ପରଠାରୁ ଏହି କ୍ୱାର୍ଟର୍ସ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହଛି । ଏଠାରୁ ଜଣେ ଅଜଣା ମହିଳାଙ୍କ କଙ୍କାଳ ଉଦ୍ଧାର ହେବାପରେ ଉକ୍ତ ପରିତ୍ୟକ୍ତ କ୍ୱାର୍ଟର୍ସକୁ ନେଇ ନାନାକଥା ଶୁଣିବାକୁ ମିଳୁଛି । ଏହାର ଏକ ଉଚ୍ଚସ୍ତରୀୟ ପୁଲିସ୍ ତଦନ୍ତ କରାଯାଇ ଘଟଣା ଉପରୁ ପରଦା ହଟାଇବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ବାଇକ୍ ଦୁର୍ଘଟଣାରେ ୨ଯୁବକ ଗୁରୁତର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ରାଧାନଗର ଗାଁ। ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୨ଜଣ ଯୁବକ ଆହତ ହୋଇଛନ୍ତି । ଥାନୁଆଳ ପଞ୍ଚାୟତ ଗୁଆରଙ୍ଗ ଗ୍ରାମର ରଂଜନ ମଲିକ(୩୩) ଓ ଗୌରାଙ୍ଗ ମଲିକ(୩୦) ଏକ ବାଇକ୍‌ରେ ଘରକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ପଡ଼ିଥିଲେ । ନିକଟରେ ଥିବା ଲୋକମାନେ ଉଭୟଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଆହତ ଯୁବକଦ୍ୱୟ ସ୍ଥାନୀୟ ପାଟପୁର ଗାଁର ଜଣେ ବନ୍ଧୁଙ୍କ ଘରୁ ଫେରୁଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କବି ପ୍ରସନ୍ନ ପାଟ୍ଟଶାଣୀ ମହାବିଦ୍ୟାଳୟରେ ସାରସ୍ୱତ ସାଧକଙ୍କ ନାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ମଳିପଡା ସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଆଂଚଳିକ ମହାବିଦ୍ୟାଳୟ ପରିସରରେ ସାରସ୍ୱତ ସାଧକଙ୍କ ନାମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏ ନେଇ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ କବି ପ୍ରସନ୍ନ ପାଟ୍ଟଶାଣୀ ଅତିଥି ଭାବେ ଯୋଗ ଦେଇ ଆଦିକବି ସାରଳା ଦାସଙ୍କ ନାମରେ ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । କବି ଡଃ ଦିଲ୍ଲୀପ ଶ୍ରୀ ଚନ୍ଦନ ପଂଚ ସଖା ଯୁଗର କବି ବଳରାମ ଦାସଙ୍କ ନାମରେ ବୃକ୍ଷ ରୋପଣ କରିବା ସହ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଦୁଃଶାସନ ଗୁମାନସିଂହ ଅତିବଡି ଜଗନ୍ନାଥ ଦାସ ନାମରେ ବୃକ୍ଷ ରୋପଣ କରିଥିଲେ । କବି ଅଚ୍ୟୁତାନନ୍ଦ ଦାସଙ୍କ ନାମରେ ଯୁକ୍ତ ଦୁଇର ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ର,କବ ଅନନ୍ତ ଦାସଙ୍କ ନାମରେ ଯୁକ୍ତ ତିନିର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ସାହୁ ବୃକ୍ଷ ରୋପଣ କରିଥିଲେ । ସେହିପରି ସତ୍ୟବାଦୀ ଯୁଗର ସାହିତ୍ୟ ସାଧକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ,ଗୋଦାବରୀଶ ମିଶ୍ର,ଗୋଦାବରୀଶ ମହାପାତ୍ର ଆଦି ୩୦ ଜଣ ସାହିତ୍ୟିକଙ୍କ ନାମରେ ଏନସିସି,ଏନଏସଏସ,ୟୁଆରସିର ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୁଖ ବୃକ୍ଷ ରୋପଣ କରିଥିଲେ । ଏହାପରେ ସାଂପ୍ରତିକ ସମୟରେ ବୃକ୍ଷ ରୋପଣର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନ କାଳ ମଧ୍ୟରେ ଗଛଟିଏ ଲଗାଇ ତାକୁ ବଂଚାଇବା ସହ ଛାତ୍ରଛାତ୍ରୀ ଅଧ୍ୟୟନ କାଳରେ ବୃକ୍ଷ ରୋପଣ ପ୍ରତି ଗୁରୁତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଆଲୋଚନା ଚକ୍ରରେ କଲେଜର ପ୍ରତିଷ୍ଠାତା ସମ୍ପାଦକ ଦୁଃଶାସନ ଗୁମାନସିଂହ ସଭାପତିତ୍ୱରେ ଆୟୋଜିତ ସଭାରେ ଯୁକ୍ତ ଦୁଇର ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁକ୍ତ ତିନିର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହ ,ଦେବେନ୍ଦ୍ର ନାଥ ନନ୍ଦ ,କିଶୋର ଚନ୍ଦ୍ର ସାହୁ,ଖୋକନ ଚନ୍ଦ୍ର ନାୟକ,ଅବକାଶ ସାହୁ,ଅଧ୍ୟାପିକା ରୀନା ମହାରଣା ,ସସ୍ମିତା ଭାରତୀ,ପ୍ରିୟଙ୍କା ସ୍ୱାଇଁ ପରିଚାଳନା କରିଥିଲେ ।

## ବିଶିଷ୍ଟ ସମାଜସେବୀ ତଥା ସିନେ ପ୍ରଯୋଜକ ଗୌରୀ ଶଙ୍କର ବିୟୋଗରେ ଖୋର୍ଦ୍ଧା ନାଗରିକ ମଂଚ ଗଭୀର ଶ୍ରଦ୍ଧାଞ୍ଜଳୀ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଅଂଚଳର ବିଶିଷ୍ଟ ସମାଜସେବୀ ଜଣାଶୁଣା ସିନେ ପ୍ରଯୋଜକ ତଥା ସଂସ୍କୃତି ଜାଗରଣର କର୍ଣ୍ଣଧାର ଗୌରୀ ଶଙ୍କର (ମନୁଭାଇ) ରାଉତରାୟଙ୍କର ଗୁରୁଜଙ୍ଗ ସ୍ଥିତ ବାସଭବନରେ ପରଲୋକ ଘଟିଯାଇଛି । ପ୍ରକାଶ ଥାଉକି ସ୍ୱର୍ଗତ ଗୌରୀ ଶଙ୍କର ଖୋର୍ଦ୍ଧା ଅଂଚଳର ବିକାଶ ପାଇଁ ସାରା ଜୀବନ ନିଜକୁ ଉତ୍ସର୍ଗୀକୃତ କରିଥିଲେ । ଦୀର୍ଘ ଦଶନ୍ଧି ଧରି ଖୋର୍ଦ୍ଧାର ସଂସ୍କୃତି ପରମ୍ପରାକୁ ବଜାୟ ରଖିବା ପାଇଁ ଗୁରୁଜଙ୍ଗ ଠାରେ ଆଶ୍ୱାସନା ପରିବାର ନାମକ ଏକ ସାଂସ୍କୃତିକ ଅନୁଷ୍ଠାନ ଗଠନ କରି ସର୍ବ ଭାରତୀୟ ସ୍ତରୀୟ ଖୋର୍ଦ୍ଧା ଲୋକ ଉତ୍ସବର ଆୟଆରମ୍ଭ କରିଥିଲେ ।ଏତଦ୍ ବ୍ୟତୀତ ଜଣେ ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ଭାବରେ ଶୀତ ରାତି ଚଳଚ୍ଚିତ୍ରର ପ୍ରଯୋଜନା କରିଥିଲେ । ଏହି ଚଳଚ୍ଚିତ୍ରକୁ ଶ୍ରେଷ୍ଠ ପ୍ରଯୋଜକ ଭାବେ ପୁରସ୍କାର ପାଇଥିଲେ । ଏଥିରେ ଖୋର୍ଦ୍ଧା ନାଗରିକ ମଂଚର ସମ୍ପାଦକ ସଞ୍ଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ଶୋକସଭା ଆୟୋଜନ କରାଯାଇ ସ୍ୱର୍ଗତ ରାଉତରାୟଙ୍କ ଗଭୀର ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର,ଆଇନଜୀବୀ ଶିଶିର କୁମାର ପରିଡା ,ନରେନ୍ଦ୍ର ପୃଷ୍ଟି,ପ୍ରକାଶ ସାମନ୍ତରାୟ,ଅମିତ ମହାନ୍ତି, ପ୍ଲାବନ ପଟ୍ଟନାୟକ ଓ ରଣଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଟ୍ରକ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଧର୍ମଶାଳା,୪।୩(ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଜାରକା ଛକ ନିକଟସ୍ଥ ପୁଲିସ ବିଟ ହାଉସ ନିକଟରେ ଟ୍ରକ ଧକ୍କାରେ ଜଣେ ମହିଳାଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତ ମହିଳା ଜଣକ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କଜଳବନ୍ଧ ଗ୍ରାମର ବନିତା ରାଉତ ( ୫୭) ବୋଲି ଜଣାପଡିଛି । ମୃତ ମହିଳାଙ୍କ ଜ୍ୱାଇଁ ପ୍ରଶାନ୍ତ ସାହୁ କଳିଙ୍ଗନଗରସ୍ଥିତ ଟାଟା କମ୍ପାନୀରେ ଚାକିରି କରିଥିବା ବେଳେ ସେ ପରିବାର ନେଇ ଧବଳଗିରିରେ ରହୁଛନ୍ତି । ତେବେ ଦିଲ୍ଲିରେ ରହୁଥିବା ମୃତ ମହିଳାଙ୍କ ପୁଅବୋହୂ ନିକଟକୁ ଆସନ୍ତକାଲି ଟ୍ରେନ ଯୋଗେ ଦିଲ୍ଲୀ ଯିବାକୁ ଥିବାରୁ ପ୍ରଶାନ୍ତ ତାଙ୍କ ଶାଶୁଙ୍କୁ ଆଜି ଚଣ୍ଡିଖୋଲରୁ ନିଜ ସ୍କୁଟି ଯୋଗେ ଧବଳଗିରି ଅଭିମୁଖେ ଯାଉଥିବା ବେଳେ ଜାରକା ବିଟ ହାଉସ ନିକଟରେ ଦୁର୍ଘଟଣା ଘଟିଥିଲା । ମହିଳା ଜଣକ ସ୍କୁଟି (ନଂ – ଓଡି ୩୪ ଜି ୩୭୪୬) ରୁ ଖସି ପଡିବା ଫଳରେ ପଛରୁ ଆସୁଥିବା ଏକ ଟ୍ରକ (ନଂ- ଓଡି ୦୫ ଏଏଫ ୦୨୨୭) ତାଙ୍କ ଉପରେ ମାଡି ଯାଇଥିଲା । ଫଳରେ ମହିଳାଙ୍କର ଘଟଣାସ୍ଥଳରେ ଶୋଚନୀୟ ଭାବେ ମୃତ୍ୟୁ ଘଟିଥିଲା । ହେଲେ ଜ୍ୱାଇଁ ଅଳ୍ପକେ ବର୍ତ୍ତି ଯାଇଥିଲେ । ଖବର ପାଇ ଧର୍ମଶାଳା ପୁଲିସ ମୃତଦେହକୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି ।

## ସରପଂଚ ମାନଙ୍କୁ ୧୦ ତାରିଖରେ କ୍ଷମତା ହସ୍ତାନ୍ତର

ଧର୍ମଶାଳା,୪।୩(ପିଏନ୍): ଧର୍ମଶାଳା ବ୍ଲକର ୪୫ଟି ପଂଚାୟତର ନବନିର୍ବାଚିତ ସରପଂଚମାନଙ୍କୁ ଓ ଅନ୍ୟାନ୍ୟ ପଦ ନିର୍ବାଚନ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି । ସରପଂଚ ମାନଙ୍କୁ ଆସନ୍ତ ୧୦ ତାରିଖରେ ପଂଚାୟତ କାର୍ଯ୍ୟାଳୟରେ କ୍ଷମତା ହସ୍ତାନ୍ତର କରାଯିବ । ୧୧ ତାରିଖରେ ନାଏବ ସରପଂଚ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ନବନିର୍ବାଚିତ ସରପଂଚ ପୁରୁଷ ହୋଇଥିଲେ ନାଏବ ସରପଂଚ ପଦ ମହିଳାମାନେ ନିର୍ବାଚିତ ହେବେ । ବ୍ଲକ ଅଧ୍ୟକ୍ଷ ପଦ ପାଇଁ ୧୨ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ବ୍ଲକ ଅଧ୍ୟକ୍ଷ ପୁରୁଷ ହୋଇଥିଲେ ଉପାଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ । ବ୍ଲକ ଉପାଧ୍ୟକ୍ଷ ପଦବୀ ପାଇଁ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ନିର୍ବାଚନ ଅଧିକାରୀ ତଥା ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି

## କେନ୍ଦୁଝର : ମାର୍ଚ୍ଚ ୯ରେ ଡିପ୍ଲୋ ଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

କେନ୍ଦୁଝର, (ପି.ଏନ): କେନ୍ଦୁଝର ଜିଲ୍ଲା ପ୍ରଶାସନ, କେନ୍ଦୁଝର ,ଏବଂ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ତଥା ଆଦର୍ଶ ବୃତି ଚୟନ କେନ୍ଦ୍ର କେନ୍ଦୁଝର ଆନୁକୂଲ୍ୟରେ ତା ୦୯.୦୩.୨୦୨୨ରିଖ ଦିନ କେନ୍ଦୁଝର ସ୍କୁଲ୍ ଅଫ ଇଂଜିନିୟରିଂ କେନ୍ଦୁଝର, ଡିପ୍ଲୋ ଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହେବ । କେନ୍ଦୁଝର ଜିଲ୍ଲାର ନିଯୁକ୍ତି ଆଶାୟୀ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଏହି ନିଯୁକ୍ତି ମେଳାରେ ଅଂଶ ଗ୍ରହଣ କରି ପାରିବେ । ରାଜ୍ୟ ଏବଂ ରାଜ୍ୟ ବାହାରର ଘରୋଇ ସଂସ୍ଥାମାନେ ଏହି ନିଯୁକ୍ତି ମେଳାରେ ସେମାନଙ୍କ ସଂସ୍ଥା ନିମନ୍ତେ ଆବଶ୍ୟକୀୟ ପଦ ପଦବୀ ପାଇଁ ପ୍ରାର୍ଥୀ / ପ୍ରାର୍ଥୀନୀ ଚୟନ କରିବେ । ଉକ୍ତ ନିଯୁକ୍ତି ମେଳାରେ ଯୋଗ ଦେବା ପାଇଁ ପ୍ରାର୍ଥୀ / ପ୍ରାର୍ଥୀନୀମାନଙ୍କର ଶିକ୍ଷାଗତ ଯୋଗ୍ୟତା ପଂଚମ ପାସ୍ ରୁ +୩ (ସ୍ନାତକ) ପାସ୍, ଆଇ.ଟି. ଆଇ., ଡିପ୍ଲୋମା, ଏ.ଏନ୍.ଏମ୍. ଓ ଜି.ଏନ୍.ଏମ୍. ପାସ୍ କରିଥିବା ଆବଶ୍ୟକ ଏବଂ ବୟସ ସୀମା ୧୮ ରୁ ୩୫ ବର୍ଷ ବୟସ ମଧ୍ୟରେ ହୋଇଥିବା ଦରକାର । ଇଚ୍ଛୁକ ଯୁବକ / ଯୁବତୀମାନେ ନିଜ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାର କାର୍ଡ ସହିତ ଉକ୍ତ ମେଳାରେ ତା ୦୯.୦୩.୨୦୨୨ରିଖ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ସମୟ ମଧ୍ୟରେ ଯୋଗ ଦେଇ ପାରିବେ ଏବଂ ଯୋଗ୍ୟ ବିବେଚିତ ହେଲେ ବେସରକାରୀ ସ୍ତରରେ ଥିବା ନିଯୁକ୍ତିର ସୁଯୋଗ ନେଇ ପାରିବେ । ସୂଚନାଯୋଗ୍ୟ ଯେ ଉକ୍ତ ନିଯୁକ୍ତି ମେଳାରେ ପ୍ରାର୍ଥୀ / ପ୍ରାର୍ଥୀନୀମାନଙ୍କ ଯୋଗଦାନ ନିମନ୍ତେ କୌଣସି ଯାତାୟମ ଖର୍ଚ୍ଚର ବ୍ୟବସ୍ଥା ନାହିଁ । ଜିଲ୍ଲାର ନିଯୁକ୍ତି ଆଶାୟୀ ପ୍ରାର୍ଥୀ / ପ୍ରାର୍ଥୀନୀମାନେ ଉକ୍ତ ନିଯୁକ୍ତି ମେଳାର ସୁଯୋଗ ନେବାକୁ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ତଥା ଆଦର୍ଶ ବୃତି ଚୟନ କେନ୍ଦ୍ର କେନ୍ଦୁଝର ତରଫରୁ ସୂଚନା ଦିଆଯାଇଛି ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ ପ୍ରକାଶ କରିଛନ୍ତି ।

# କେନ୍ଦୁଝର : ମାର୍ଚ୍ଚ ୭ ରୁ ୧୬ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ବଟିକା ସେବନ କାର୍ଯ୍ୟକ୍ରମ

କେନ୍ଦୁଝର, (ପି.ଏନ): କେନ୍ଦୁଝର ଜିଲ୍ଲାରେ ଫାଇଲେରିଆ ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସମୂହ ବଟିକା ସେବନ କାର୍ଯ୍ୟକ୍ରମ ଚଳିତ ମାର୍ଚ୍ଚ ୭ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଚଳିତ ମାର୍ଚ୍ଚ ୪ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡି.ଇ.ୟୁ ହଲରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶିକା ଡାଃ ସୁଜାତାରାଣୀ ମିଶ୍ର ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ବିଶଦ ସୂଚନା ପ୍ରଦାନ କରି ଏ ସଂପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ଲିଟିକ ଫାଇଲେରିଆସିସ୍ ଦ୍ୱାରା ଦେଖାଦେଉଥିବା କୁପ୍ରଭାବ ଉପରେ ଆଲୋକପାତ କରି ଜନସାଧାରଣ ଏ ସଂପର୍କରେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ସିଡିଏମ୍‌ଓ ଡାଃ ମିଶ୍ର କହିଥିଲେ ଯେ ସମୂହ ବଟିକା ସେବନ ପ୍ରକ୍ରିୟାରେ କୋଭିଡ-୧୯ ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସୁରକ୍ଷାମୂଳକ ସର୍ତ୍ତକତା (ହାତ ଧୋଇବା, ମାସ୍କ ପରିଧାନ ଏବଂ ଶାରୀରିକ ଦୂରତା ବଜାୟ ରଖିବା) ଅନୁପାଳନ କରାଯିବ । ଜିଲ୍ଲାରେ ସମସ୍ତ ଯୋଗ୍ୟ ହିତାଧିକାରୀ (୨ ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥ ଥିବା ଲୋକଙ୍କ ବ୍ୟତୀତ)ଙ୍କୁ ଆଶା, ଅଙ୍ଗନୱାଡି କର୍ମୀ ଏବଂ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରୋଧୀ ଔଷଧ ସେବନ କରାଇବେ । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଗୋଷ୍ଠୀ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଫାଇଲେରିଆ ନିରାକରଣ ଦିଗରେ ପ୍ରତିବଦ୍ଧତା ସହିତ ସମସ୍ତ ସରକାରୀ ଅଧିକାରୀ/କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ ଏବଂ ଜନସମୁଦାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜିଲ୍ଲାରେ ସମସ୍ତ ସହଭାଗୀ, ସ୍କୁଲ ଛାତ୍ରଛାତ୍ରୀ, ଆଇସିଡିଏସ୍ କର୍ମଚାରୀଙ୍କୁ ସଂପୃକ୍ତ କରି ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି କହିଥିଲେ । ଏଡିପିଏଚଓ (ଭିବିଡି) ଡାଃ ବେବେନ ଦାସ ବିଶେଷଜ୍ଞ ତଥ୍ୟ ଉପସ୍ଥାପନା କରି କହିଥିଲେ ଯେ ଫାଇଲେରିଆ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ଯାହା ମଶା କାମୁଡିବା ଦ୍ୱାରା ବ୍ୟାପୁଛି । ଦୀର୍ଘସୂତ୍ରୀ ଅକ୍ଷମତା ସୃଷ୍ଟିରେ ଫାଇଲେରିଆ ଅନ୍ୟତମ ମୁଖ୍ୟ କାରଣ ହୋଇଥାଏ । ଏହି ସଂକ୍ରମଣ ଲିଟିକ ବ୍ୟବସ୍ଥାକୁ ନଷ୍ଟ କରିଦିଏ ଏବଂ ଯଦି ତାହାର ଚିକିତ୍ସା କରାନଯାଏ, ତେବେ ଶରୀରର ବିଭିନ୍ନ ଅଂଶରେ ଅସ୍ୱାଭାବିକ ଫୁଲା ସୃଷ୍ଟି କରିଥାଏ । ଫାଇଲେରିଆରେ ଆକ୍ରାନ୍ତ ଲୋକମାନେ ଅନେକ ସମୟରେ ହାଇଡ୍ରୋସିଲ, ଲିଡେମା (ଅଙ୍ଗ ପ୍ରତ୍ୟଙ୍ଗ ଫୁଲିବା) ଏବଂ ଚାଇଲୁରିଆ (କ୍ଷୀର ଦୁଗ୍ଧ ରଙ୍ଗର ପରିସ୍ରା) ଆଦି ସମସ୍ୟାର ଶିକାର ହୋଇଥାନ୍ତି । ଏପରି କୁପ୍ରଭାବ ଲିଟିକ ଫାଇଲେରିଆରେ ଆକ୍ରାନ୍ତ ଲୋକଙ୍କର ଜୀବିକା ଉପାର୍ଜନ, ସୁବିଧା ସୁଯୋଗ ଏବଂ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିଥାଏ ଏବଂ ଅନେକ ସମୟରେ ଏହା ସେମାନଙ୍କ ପାଇଁ ଏକ କଳଙ୍କ ହୋଇଥାଏ । ଫାଇଲେରିଆ ଏକ ଅକ୍ଷମତା ସୃଷ୍ଟିକାରୀ ରୋଗ ଯାହାକୁ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଫାଇଲେରିଆ ନିରୋଧୀ ଔଷଧ ସେବନ ଦ୍ୱାରା ରୋକାଯାଇପାରିବ ବୋଲି କହିଥିଲେ । ଭାରତର ରାଷ୍ଟ୍ରୀୟ ଲିଟିକ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମର ଦୁଇ ସ୍ତମ୍ଭ ବିଶିଷ୍ଟ ରଣକୌଶଳ ରହିଛି (୧) ସାମୂହିକ ଔଷଧ ସେବନ (ଏମଡିଏ): ସଂକ୍ରମିତ ଅଂଚଳ ଫାଇଲେରିଆ ବ୍ୟାପିବାକୁ ରୋକିବା ନିମନ୍ତେ ଫାଇଲେରିଆ ନିରୋଧୀ ଔଷଧ (ଡିଇସି ଏବଂ ଆଲବେଣ୍ଡାଜୋଲ) ସେବନ କରିବାକୁ ଦିଆଯାଉଛି । (୨) ମୃତ୍ୟୁ ହାର ରୋକିବା ଏବଂ ଅକ୍ଷମତା ନିରାକରଣ (ଏମଏମଡିପି): ଲିଡେମା ପାଇଁ ଘରେ ରହି ରୋଗୀଙ୍କର ଯତ୍ନ ଦ୍ୱାରା ମୃଦୁହାର ରୋକିବା ଏବଂ ହାଇଡ୍ରୋସିଲ କ୍ଷେତ୍ରରେ ଅସ୍ତ୍ରୋପଚାର କରାଯାଇ ଚିକିତ୍ସା ବ୍ୟବସ୍ଥା ରହିଛି । ଉପରୋକ୍ତ ଅଭିଯାନ ସମୟରେ ପ୍ରାୟ ୬୪୮୯ ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀ, ୬୪୫ ଜଣ ସୁପରଭାଇଜର, ୪୨ ଜଣ ଆରଆରଟିଏସ୍‌ଙ୍କୁ ସମସ୍ତ ବ୍ଲକରେ ନିୟୋଜିତ କରାଯିବ । ଜିଲ୍ଲାରେ ମୋଟ ୧୮୫୪୭୬୨ ଜଣ ହିତାଧିକାରୀ ଅଛନ୍ତି । ଫାଇଲେରିଆ ନିରୋଧୀ ଔଷଧ ସେବନ ଦ୍ୱାରା ବିଶେଷକରି ପିଲାଙ୍କ ପାଇଁ ପହଂଚୁଥିବା ଅତିରିକ୍ତ ଫାଇଦା ସମ୍ପର୍କରେ ମଧ୍ୟ ସେ ପ୍ରକାଶ କରିଥିଲେ । ସେ କହିଥିଲେ ଯେ, ଏମଡିଏ ସମୟରେ ସେବନ ପାଇଁ ଦିଆଯାଉଥିବା ଆଲବେଣ୍ଡାଜୋଲ ପ୍ରତିଷେଧମୂଳକ ଔଷଧର କ୍ରିମିନାଶ ଭଳି ଅତିରିକ୍ତ ଫାଇଦା ରହିଛି, ଯାହା ପିଲାଙ୍କ କ୍ଷେତ୍ରରେ ପୋଷକ ତତ୍ତ୍ୱ ଗ୍ରହଣୀୟତାରେ ବୃଦ୍ଧି ଘଟାଇଥାଏ ଏବଂ ସେମାନଙ୍କର ଶାରୀରିକ ଏବଂ ମାନସିକ ବିକାଶରେ ସହାୟକ ହୋଇଥାଏ । ଶେଷରେ ଡି.ପି.ଏମ୍. ଏନ୍.ଏଚ୍.ଏମ୍ ନିତ୍ୟରଞ୍ଜନ ବରାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ଭିଭିଡି ପରାମର୍ଶଦାତା କରଦେବ ନନ୍ଦ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

# ସତସଂଗ ତରଫରୁ ଆନ୍ତର୍ଜାତିକ ଆଭାସି ଆଲୋଚନାଚକ୍ର




କ୍ୱାଲାଲମ୍ପୁର / ସିଙ୍ଗାପୁର / ସିଡ୍‌ନୀ / ସିଓଲ୍ / ମାଙ୍ଗାଲୋର / ନୂଆଦିଲ୍ଲୀ / ଭୁବନେଶ୍ୱର / କଟକ, ୪।୩ : ସମଗ୍ର ବିଶ୍ୱ ମହାମାରୀ ଓ ଯୁଦ୍ଧର ବିଭିଷୀକା ଦ୍ୱାରା ବିଷାଦ ଗ୍ରସ୍ତ ହୋଇଥିବା ସମୟରେ ସତସଂଗ ଏହାର ପାଞ୍ଚ କୋଟି ଭକ୍ତଙ୍କ ପାଇଁ ରକ୍ଷା କବଚ ସାଜି ସେମାନଙ୍କୁ ଭଗବତ ଭାବ ଏବଂ ପୁରୁଷୋତ୍ତମ ପ୍ରେମରେ ଉଦ୍‌ବୃଦ୍ଧ କରିଆସୁଥିବା ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି । ଟିମ୍ ବୟାଳିସ ମୌଜା, ଚାନ୍ଦୋଳ, କଟକ (ବି.ସି.ସି) ତରଫରୁ ଆୟୋଜିତ ଆନ୍ତର୍ଜାତିକ ଆଭାସି ଆଲୋଚନା ଚକ୍ରରେ ସାମ୍ପ୍ରତିକ ସଂକଟରୁ ଉଦ୍ଧାର ପାଇବା ପାଇଁ ଜନସାଧାରଣ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସତ୍ୟ, ଶାନ୍ତି, ଶ୍ରଦ୍ଧାର ପଥକୁ ଅନୁସରଣ କରିବା ନେଇ ଚର୍ଚ୍ଚା କରାଯାଇଥିଲା । ‘ମହାମାରୀ ଓ ଯୁଦ୍ଧରୁ ମାନବସମାଜକୁ ରକ୍ଷା କରିବା ପାଇଁ ଆଚାର୍ଯ୍ୟ ଦେବଙ୍କର ଉପଦେଶ’ ଶୀର୍ଷକ ଏହି ଭର୍ଚ୍ଚୁଆଲ୍ ବିଚାର ଗୋଷ୍ଠୀରେ ସମଗ୍ର ପୃଥିବୀର ବିଭିନ୍ନ ରାଷ୍ଟ୍ରର ସହସ୍ରାଧୀକ ସତ୍‌ସଂଗୀ, ୱାର୍ଲଡ ଓଡ଼ିଶା ସୋସାଇଟିର ସଦସ୍ୟ ଏବଂ ଦେଶ ବିଦେଶରୁ ପ୍ରବାସୀ ଓଡ଼ିଆ ନେତୃବର୍ଗମାନେ ସାମିଲ ହୋଇଥିବା ଦେଖାଯାଇଥିଲା ।ଏହି ସତ୍‌ସଂଗରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ସାଧାରଣ ମଣିଷ, ଠାକୁରଙ୍କ ନିକଟରେ ନିଷ୍କାମ ଭାବନାର ସହିତ ନିଜର ତନ, ମନ, ଧ୍ୟାନକୁ ଏକ କରି ସମ୍ପୂର୍ଣ୍ଣ ଭାବରେ ଆତ୍ମସମର୍ପଣ କଲେ ଚିରନ୍ତନ ଶାନ୍ତି, ସ୍ୱର୍ଗସୁଖ, ଐଶ୍ୱରିକ ଆନନ୍ଦ, ସ୍ରଷ୍ଟାଙ୍କର ସାନିଧ୍ୟ ଲାଭ କରେ ଏବଂ ପରିଶେଷରେ ମୋକ୍ଷ ପ୍ରାପ୍ତି କରେ ବୋଲି କହିଥିଲେ । ସତ୍‌ସଂଗୀମାନେ ମହାମାରୀ ଓ ଯୁଦ୍ଧର ଭୟାବହତାରେ ବ୍ୟସ୍ତ, ବିବ୍ରତ ବା ବିଚଳିତ ନ ହୋଇ ସେମାନଙ୍କର ସାକାରାତ୍ମକ ଚିନ୍ତାଧାରା, ସମାଜସେବା ମନୋଭାବ ଏବଂ ରଚନାତ୍ମକ କାର୍ଯ୍ୟକ୍ରମଗୁଡ଼ିକୁ ଜାରି ରଖିବାକୁ ଶ୍ରୀ ଦ୍ୱିବେଦୀ ପରାମର୍ଶ ଦେଇଥିଲେ । ୨୦୨୦ ମସିହା ମେ’ ୩ ତାରିଖରୁ ଆରମ୍ଭ ହୋଇ ପ୍ରତ୍ୟହ ଅନୁଷ୍ଠିତ ହେଉଥିବା ଏହି ଗ୍ଲୋବାଲ ୱେବିନାର–ସତ୍‌ସଂଗ ୬୫୭ ଦିବସରେ ପଦାର୍ପଣ କରିଥିବାରୁ ମୁଖ୍ୟ ଅତିଥି ଶ୍ରୀ ଦ୍ୱିବେଦୀ ମୁଖ୍ୟ ଆୟୋଜକ ସହ ପ୍ରତି ରିତ୍ୱିକ ସଞ୍ଜୀବ କୁମାର ନାୟକ ଏବଂ ତାଙ୍କର ଟିମ୍‌କୁ ସାଧୁବାଦ ଜଣାଇଥିଲେ । ମୁଖ୍ୟବକ୍ତା ଘାନା ଠାରେ ଅବସ୍ଥାପିତ ଏମ୍.ଏନ୍.ସିର ନିର୍ଦ୍ଦେଶକ ସହ ପ୍ରତିରିତ୍ୱିକ ଦୀପକ କୁମାର ଦାସ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଜୀବନ ଦର୍ଶନର ଆଧ୍ୟାତ୍ମିକତା ଏବଂ ଅଲୌକିକତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ବକ୍ତା ନୂଆଦିଲ୍ଲୀ ଏବଂ ମୁମ୍ବାଇସ୍ଥିତ ଓଡ଼ିଶା ଭବନର ପୂର୍ବତନ ସହ ରେସିଡେଣ୍ଟ କମିଶନର ଓ ସହପ୍ରତିରିତ୍ୱିକ କୃପାନିଧି ବିଶ୍ୱାଳ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏବଂ ଆଚାର୍ଯ୍ୟ ଦେବଙ୍କର ଦିଶାନିର୍ଦ୍ଦେଶକୁ ଅନୁକରଣ କରି ପ୍ରତ୍ୟେକ ଘରେ ଇଷ୍ଟଦେବଙ୍କୁ ସ୍ଥାପନା କରିବା ଓ ଅନୁଶାସନକୁ ପାଳନ କରିବା ପାଇଁ ନିବେଦନ ଜଣାଇଥିଲେ । ନରସିଂହପୁରସ୍ଥିତ ସତ୍‌ସଂଗ ବିହାରର ମୁଖ୍ୟ ଓ ସହପ୍ରତିରିତ୍ୱିକ ପ୍ରଫେସର ବିଜୟ କୁମାର ପରିଡ଼ା, ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ ମାନବ ସଭ୍ୟତା ପାଇଁ ଶ୍ରୀଶ୍ରୀ ଠାକୁରଙ୍କର ପ୍ରଦର୍ଶିତ ଦୟା ଓ କରୁଣା ଆଚରଣ ମାର୍ଗର ପ୍ରାସଙ୍ଗିକତା ବହୁଗୁଣରେ ବଢ଼ିଯାଇଥିବା, ତାଙ୍କର ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ସମଗ୍ର ଅଧୀବେଶନକୁ ସଞ୍ଜୀବ କୁମାର ନାୟକ ଖୁବ୍ ସୁନ୍ଦର, ସୁଚାରୁ ଓ ସାବଲୀଳ ଢଙ୍ଗରେ ଉପସ୍ଥାପନା, ସଂଯୋଜନା ଓ ପରିଚାଳନା କରିଥିଲେ । ଡିଜିଟାଲ କକ୍ଷକୁ ସୌଭାଗ୍ୟ କୁମାର ନାୟକ ଓ ନନ୍ଦନ ଦ୍ୱିବେଦୀ ଦକ୍ଷତାର ସହିତ ନିୟନ୍ତ୍ରଣ କରିଥିଲେ । ଆକାଂକ୍ଷା ମହାନ୍ତି ଓ ଗୀତାଞ୍ଜଳି ବାରିକ ବୈଷୟିକ ସହାୟତା ପ୍ରଦାନ କରିଥିଲେ । ପ୍ରାରମ୍ଭରେ ନୂଆଦିଲ୍ଲୀରୁ ସରୋଜ କୁମାର ମହାନ୍ତି, ସନ୍ଦୀପ ମହାନ୍ତି, ଭୁବନେଶ୍ୱରରୁ ସୁଶ୍ରୀ ମନ୍ଦାକିନୀ ଶ୍ରେୟା ଉଚ୍ଚକୋଟୀର ଭଜନ ଜଣାଣ ଗାନ କରିଥିବାବେଳେ ମାଲେସିଆର ଜ୍ଞାନଦୂତି ପାତ୍ର, ସିଡ୍‌ନୀରୁ ଶ୍ୟାମସୁନ୍ଦର ବାରିକ ଓ ସିଙ୍ଗାପୁରରୁ ଇଂ. ଗୋଲଖନାଥ ମିଶ୍ରଙ୍କର ଗୁରୁବନ୍ଦନା ପରିବେଷଣ ଏବଂ ସଦ୍‌ଗ୍ରନ୍ଥ ପାଠ ବେଶ୍ ମର୍ମସ୍ପର୍ଶୀ ଥିଲା । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଦକ୍ଷିଣ କୋରିଆରୁ ଡଃ ସୀତାଂଶୁ ଶେଖର ନନ୍ଦ, ମାଙ୍ଗାଲୋରରୁ ପ୍ରଫେସର ବବିତା ପାଣିଗ୍ରାହୀ, ବରିଷ୍ଠ ପ୍ରଶାସକ ଡଃ ସୁରେଶ ଚନ୍ଦ୍ର ଦଳାଇ, ଡଃ ଅଶୋକ କୁମାର ତ୍ରିପାଠୀ, ଡଃ କାହ୍ନୁଚରଣ ଦାସ, ଡଃ ବିଜୟ କେତନ ପଟ୍ଟନାୟକ, ଡଃ ନଗେନ୍ଦ୍ରନାଥ ସ୍ୱାଇଁ, ରବିନାରାୟଣ ମହାପାତ୍ର, କାମଦେବ ଦାସ, ପାରେଶ୍ୱର ଜେନା ଓ ଯୁଧୀଷ୍ଠିର ବିଶ୍ୱାଳ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

## ଅଜ୍ଞାତବାସରେ ଧର୍ମଶାଳା ବ୍ଲକର ସମିତି ସଭ୍ୟ

ଧର୍ମଶାଳା,୪।୩(ପିଏନ୍): ଧର୍ମଶାଳା ବ୍ଲକର ସମିତି ସଭ୍ୟ/ସଭ୍ୟା ମାନେ ଶୁକ୍ରବାର ଠାରୁ ଅଜ୍ଞାତବାସରେ ଯାଇଥିବା ଜଣାଯାଇଛି । ଧର୍ମଶାଳା ବ୍ଲକର ୪୫ ଟି ପଂଚାୟତ ମଧ୍ୟରୁ ୪୩ଜଣ ସମିତିସଭ୍ୟ/ସଭ୍ୟା ମାନେ କଳ୍ପତରୁ ଦାସ ଷ୍ଟାଡିୟମରେ ବୁଧବାର ଏକାଠି ହୋଇ ପ୍ରଭାତ କୁମାର ବଳବନ୍ତରାୟଙ୍କୁ ଅଧ୍ୟକ୍ଷପଦ ପାଇଁ ସମର୍ଥନ ଘୋଷଣା କରିଥିଲେ । ୪୩ ଜଣ ସଭ୍ୟ/ସଭ୍ୟାଙ୍କ ଅଧ୍ୟକ୍ଷ ପଦ ପାଇଁ ପ୍ରଭାତଙ୍କ ପ୍ରତି ସମର୍ଥନ ଥିଲେ ମଧ୍ୟ ଆଜି ଅଜ୍ଞାତବାସରେ ଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୪୩ଜଣଙ୍କ ସମର୍ଥନ ମିଳିଲେ ଅନ୍ୟକେହି ଅଧ୍ୟକ୍ଷପଦ ପାଇଁ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ନାହିଁ । ୨୦୧୭ ରୁ ୨୦୨୨ ଯାଏ ଥିବା ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ପୁନଶ୍ଚ ଅଧ୍ୟକ୍ଷ ହେବା ଏକ ପ୍ରକାର ନିଶ୍ଚିନ୍ତ ହୋଇଥିବା ବେଳେ ସମିତିସଭ୍ୟମାନଙ୍କର ଅଜ୍ଞାତବାସର ଅବଶ୍ୟକତା ନଥିଲା ।

## ଖୋର୍ଦ୍ଧା ଜିଲ୍ଲାରେ ୩ ଗୋଟି ପର୍ଯ୍ୟାୟରେ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମ

ଖୋର୍ଦ୍ଧା, (ପିଏନ): ଆସନ୍ତା ମାର୍ଚ୍ଚ ୭,ଏପ୍ରିଲ ୪ ଓ ମେ ୨ ତାରିଖ ଦିନ ଖୋର୍ଦ୍ଧା ଜିଲ୍ଲା ସହିତ ରାଜ୍ୟର ୧୨ ଗୋଟି ଜିଲ୍ଲା ମିଶନ ଇନ୍ଦ୍ର ଧନୁଷ ୪ ଅଧିନରେ ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରତ୍ୟେକ ପର୍ଯ୍ୟାୟରେ ଆରମ୍ଭ ଦିନରୁ ସାତ ଦିନ ପର୍ଯ୍ୟନ୍ତ ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଖୋର୍ଦ୍ଧା (ଗ୍ରାମାଚଂଳ)ରେ ୧୮୫ ଗୋଟି କେନ୍ଦ୍ରରେ ଜନ୍ମରୁ ୨ ବର୍ଷ ପର୍ଯ୍ୟନ୍ତ ଶିଶୁ ଓ ଗର୍ଭବତୀ ମହିଳା ମାନଙ୍କୁ ଟୀକା କରଣ କରାଯାଇ ୧୨ ଗୋଟି ରୋଗରୁ ମୁକ୍ତି ଦେବା ପାଇଁ ମିଶନ ଇନ୍ଦ୍ର ଧନୁଷ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଜିଲ୍ଲାରେ ବିଭିନ୍ନ ଅଙ୍ଗନବାଡି ଓ ସର୍ବସାଧାରଣ ଗୃହରେ ଟୀକାଦାନ କରାଯିବ ।ଏ ନେଇ ଆଜି ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାରେ ଆଲୋଚନା ହୋଇ ମିଶନ ଇନ୍ଦ୍ର ଧନୁଷ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରି ତିନି ଗୋଟି ପର୍ଯ୍ୟାୟ ସହ ମିଶନ ଇନ୍ଦ୍ର ଧନୁଷ ୫ ବିଭିନ୍ନ ବିଭାଗ ସହ ସମନ୍ୱୟ ରଖାଯାଇ ପୁନଃ ପ୍ରତିଷେଧକ ସହ ସୁ ଚିନ୍ତିତ ମତାମତ ଗ୍ରହଣ କରାଯାଇଛି । ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଆର୍ତ୍ତବନ୍ଧୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନିଗୋଟି ପର୍ଯ୍ୟାୟରେ ଟୀକା କରଣ କରାଯିବା ସହ ସମୟକ୍ରମେ ଧାର୍ଯ୍ୟ ଗୋଷ୍ଠୀଙ୍କୁ ନେଇ ସର୍ଭେ କରାଯିବ ।କୋଭିଡ ମହାମାରୀ ସମୟରେ ଟୀକାକରଣରୁ ବଂଚିତ ଟୀକା କରଣ ପିଲାମାନଙ୍କର ଇନ୍ଦ୍ର ଧନୁଷ ଟୀକାକରଣ(ମାର୍ଚ୍ଚ ଠାରୁ ମେ ) ମଧ୍ୟରେ ସୁନିଶ୍ଚିତ କରାଇବା ଏକମାତ୍ର ଲକ୍ଷ୍ୟ । ଯେଉଁ ମାନେ ନିଜ ଗାଁ କିମ୍ବା ସହର ଛାଡି ଅନ୍ୟତ୍ର ରହୁଛନ୍ତି ନିର୍ଦ୍ଦିଷ୍ଟ ଭାବରେ ଟୀକା କରଣ ବିଷୟରେ ସଚେତନ ନୁହଁନ୍ତି ବା ଜୀବନ ଜୀବିକାକୁ ଗୁରୁତ୍ୱ ଦେଇ ଟୀକା କରଣକୁ ବିସ୍ମରଣ କରି ଯାଇଛନ୍ତି ସେମାନଙ୍କୁ ମିଶନ ଇନ୍ଦ୍ର ଧନୁଷର ତିନି ଗୋଟି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯିବ । ଜନ୍ମରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଶିଶୁକୁ ସମସ୍ତ ବାର ଗୋଟି ଟୀକାଦାନ ସହ ଗର୍ଭବତୀ ମହିଳାଙ୍କୁ ଟିଟାନସ ଡିପଥେରିଆ ଟୀକା ଦିଆଯିବ । ଯେଉଁ ଶିଶୁ ଓ ଗର୍ଭବତୀ ଓ ମାମାନେ ଆଂଶିକ ଭାବେ ଟୀକା ନେଇଛନ୍ତି ବା ଆଦୌଂ ଟୀକା ନେଇ ନାହାନ୍ତି ସେମାନଙ୍କୁ ମିଶନ ଇନ୍ଦ୍ର ଧନୁଷ ମାଧ୍ୟମରେ ଟୀକା କରଣ କରାଯିବ । ଆଂଶିକ ଭାବରେ ଟୀକାଦାନ ନେଇଥିବା ଶିଶୁ ଓ ମା ମାନଙ୍କୁ ଅଭିଜ୍ଞ ଶିଶୁ ଓ ମା ରୋଗ ବିଶେଷଜ୍ଞ ପରାମର୍ଶ ଅନୁଯାଇ ଆବଶ୍ୟକୀୟ ଟୀକାଦାନ କରାଯିବ । ଜିଲ୍ଲାରେ ଆଲୋଚନା ଓ ପରାମର୍ଶ ଭିତିକ କର୍ମଶାଳାରେ ୨୦୧୪ ମସିହାରୁ ମିଶନ କାର୍ଯ୍ୟକାରୀ ହେବା ସମୟରୁ କାର୍ଯ୍ୟରତ ଥିବା ଓ ଅବସର ଗ୍ରହଣ କରିଥିବା ଡାକ୍ତରମାନେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଆରୋପ କରିଥିଲେ । ବିଶେଷକରି ଇଟାଭାଟିରେ କାର୍ଯ୍ୟରତ ଶ୍ରମିକ ,ଦିନ ମଜୁରିଆ ଓ ପାହାଡ ଜଙ୍ଗଲରେ ରହୁଥିବା ଆଦିବାସୀ ମହିଳା ମାନଙ୍କୁ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ନିକର୍ଷ ଅନୁଯାଇ ଖୋର୍ଦ୍ଧା (ଗ୍ରାମାଚଂଳ) ରେ ୭ ଶହ ବଡବଡ ଫୋଲଡର୍ସ ,ଲିଫଲେଟ ଓ ହୋଡିଂ ଲଗା ହୋଇ ସାରିଛି । ବିଭିନ୍ନ ପିଏଚସି ଓ ସିଏଚସି ଠାରେ ତଥା ଗ୍ରାମାଚଂଳ କମ୍ୟୁନିଟି ସେଂଟର ଠାରେ ବିଜ୍ଞାପନ ଦିଆ ଯାଇ ମାଇକ ଜରିଆରେ ପ୍ରଚାର ହେଉଛି । ଜିଲ୍ଲାର ଅଙ୍ଗନବାଡି,ଆଶା ଓ ସ୍ୱାସ୍ଥ୍ୟ ସହାୟକ କର୍ମୀଙ୍କ ଦ୍ୱାରା ଘରକୁ ଘର ସର୍ଭେ ହୋଇ ସାରିଛି । ଫେବୃୟାରୀ ୨୮ ସୁଦ୍ଧା ସର୍ଭେ ସମାପନ ହୋଇ ରିପୋର୍ଟ ଅନୁସାରେ ବଂଚିତ ଶିଶୁ ଓ ମା ମାନଙ୍କ ପାଇଁ ଟୀକାଦାନ କାର୍ଯ୍ୟକ୍ରମ ମାର୍ଚ୍ଚ ୭ ,ଏପ୍ରିଲ ୪, ଓ ମେ ୨ ରୁ ସାତ ଦିନ ପର୍ଯ୍ୟନ୍ତ ଟୀକାଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ସର୍ଭେ ଅନୁଯାଇ ୫୫୯ ଜଣ ଶିଶୁ,୬୮ ଜଣ ଗର୍ଭବତୀ ମହିଳା କୋଭିଡ ଓ ଅନ୍ୟାନ୍ୟ କାରଣ ଯୋଗୁଁ ଟୀକା ନେବାରୁ ବଂଚିତ ହୋଇଛନ୍ତି । ସେହିପରି ଭୁବନେଶ୍ୱର ସହରାଚଂଳରେ ୧୯୮ ଜଣ ଶିଶୁ ,୩୦ ଜଣ ଗର୍ଭବତୀ ମହିଳା ବଂଚିତ ହୋଇଛନ୍ତି ସେମାନଙ୍କୁ ମିଶନ ଇନ୍ଦ୍ର ଧନୁଷ ପକ୍ଷରୁ ଟୀକାକରଣ ଦିଆଯିବ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଆୟୋଜିତ କର୍ମଶାଳାରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସୁଶୀଲ କୁମାର ଦାଶ,ଶିଶୁ ରୋଗ ବିଶେଷଜ୍ଞ ଅଭିଷେକ ସାହୁ , ଜିଲ୍ଲାର ବିଭିନ୍ନ ବିଭାଗର ଏନଜିଓ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ନିଜର ସୁ ଚିନ୍ତିତ ପରାମର୍ଶ ଦେଇଥିଲେ ।

## ପଞ୍ଜୀକୃତ ଚାଷୀଙ୍କ ଟୋକନ ରଦ୍ଦ, ଧାନ ବିକ୍ରୀ ନ ହେବାରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ବାଘମାରୀ ସେବା ସମବାୟ ସମିତି ଅଧିନରେ ଧାନ ବିକ୍ରୀ କରିବା ପାଇଁ ଟୋକନ ପାଇଥିଲେ ମଧ୍ୟ ଧାନ ବିକ୍ରୀ ନ ହୋଇ ପାରିବାରୁ ଚାଷୀମାନେ ଏକତ୍ରୀତ ହୋଇ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ବ୍ୟାଙ୍କ ହେଉ ଅବା କରଜ କରି ନିଜ ଜମିରେ ଚାଷୀ ବର୍ଷଯାକ ହାଡଭଙ୍ଗା ପରିଶ୍ରମ କରି ଧାନ ଫସଲ ଅମଳ କରିଥିଲେ ମଧ୍ୟ ମଣ୍ଡିରେ ଧାନ ବିକ୍ରୀ କରିବା ପାଇଁ ଟୋକନ ବ୍ୟବସ୍ଥା ଲାଗୁ କରାଯାଇଛି ।ତେବେ ଚାଷୀମାନେ ଚଳିତ ବର୍ଷ ଗତ ଜାନୁୟାରୀ ମାସ ୨୯,୩୦ ଓ ୩୧ ତାରିଖରେ ପଞ୍ଜୀକରଣ କରି ଟୋକନ ପାଇ ଧାନ ବିକ୍ରୀ କରି ନ ପାରି ହତାଶ ହୋଇ ପଡିନ୍ତି । ଏ ନେଇ ସେବା ସମବାୟ ସମିତିର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଟାର୍ଗେଟ ନାହିଁ ବୋଲି ଆଳ ଦେଖାଇ ଚାଷୀମାନଙ୍କୁ ନିରାଶ କରିବାରୁ ଚାଷୀ ଦାଶରଥି ପଣ୍ଡା ଓ ସତ୍ୟବ୍ରତ ପଟ୍ଟନାୟଙ୍କ ସମେତ ଚାଷୀମାନେ ଏତ୍ରୀତ ହୋଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

## ଏଚଡିଏଫସି ବ୍ୟାଙ୍କ ପକ୍ଷରୁ ୬ଟି ଆଇ.ସି.ୟୁ.ଶଯ୍ୟା ଯୋଗାଣ ନିଷ୍ପତ୍ତି: ଜିଲ୍ଲାପାଳଙ୍କ ପାଖରେ ସମୟ ନାହିଁ

କେନ୍ଦ୍ରାପଡ଼ା,୪।୩:କେନ୍ଦ୍ରାପଡା ଏଚ.ଡି.ଏଫ.ସି. ବ୍ୟାଙ୍କର ସି.ଏସ.ଆର. ପାଣ୍ଠିରୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୬ଟି ଆଇ.ସି.ୟୁ. ଶଯ୍ୟା ସମେତ ସମସ୍ତ ଆନୁସଙ୍ଗିକ ମେଡିକାଲ ସରଞ୍ଜାମ ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । କିନ୍ତୁ ଏଥିନିମନ୍ତେ ବ୍ୟାଙ୍କର କ୍ଲଷ୍ଟର ମୁଖ୍ୟ ଅନିମେଶ ବିଶ୍ୱାଳଙ୍କ ବାରମ୍ବାର ପ୍ରଚେଷ୍ଟା ପରେବି କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସହ ଏସମ୍ପର୍କରେ ଆଲୋଚନା କରିବାକୁ ସମୟ ମିଳିନଥିବା ସୂଚନା ମିଳିଛି । ଫଳରେ କେନ୍ଦ୍ରାପଡା ଜିଲ୍ଲାର ଲୋକମାନଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ଏଭଳି ଏକ ସୁଯୋଗ ହାତଛଡା ହୋଇଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏଣୁ କେନ୍ଦ୍ରାପଡା ଜିଲ୍ଲାର ଲୋକମାନଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲାପାଳ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ଖେଳ




Bhubaneswar Saturday March 05 | ଭୁବନେଶ୍ୱର ଶନିବାର, ମାର୍ଚ୍ଚ ୦୫,୨୦୨୨ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




## ଋଷ-ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ଶାନ୍ତିର ବାର୍ତ୍ତା ଦେଲେ ଛାତ୍ରଛାତ୍ରୀ

କେନ୍ଦ୍ରାପଡ଼ା,୪।୩ : ବସୁଧୈବ କୁଟୁମ୍ବକମ। ସର୍ବଜନ ହିତାୟ। ସମଗ୍ର ପୃଥିବୀ ଗୋଟିଏ ପରିବାର। ନିଜେ ବଞ୍ଚ ଓ ଅନ୍ୟକୁ ବଞ୍ଚିବାକୁ ଦିଅ। ଯୁଦ୍ଧ ବନ୍ଦ କରି ଫୁଲ ପ୍ରଦାନ କର। ଆମେ ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ। ଯୁଦ୍ଧଦ୍ୱାରା ଆମ ଦେଶର ଦୁଇଜଣ ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ ହୋଇ ସାରିଲାଣି। ଅନେକ ଛାତ୍ରଛାତ୍ରୀ ୟୁକ୍ରେନର ୱାର ଜୋନରେ ଫସି ରହିଛନ୍ତି। ସେମାନଙ୍କ ବାପା, ମା ଓ ଅଭିଭାବକମାନେ ରାତିରେ ଶାନ୍ତିରେ ଶୋଇ ପାରୁନାହାଁନ୍ତି। ଆମେ ସହଯୋଗ ଚାହୁଁ ଧ୍ୱଂଶ ବିଧ୍ୱଂଶ ନୁହେଁ। ଆସ ମିଳିମିଶି ତୃତୀୟ ବିଶ୍ୱଯୁଦ୍ଧ ଭଳି ପରିସ୍ଥିତିକୁ ଏଡାଇ ଯିବା ପାଇଁ ପ୍ରୟାସ କରିବା। ଦୟାଳୁ ହୁଅ ଏକଛତ୍ରବାଦ ନ ହୁଅ। ରକ୍ତ ସଞ୍ଚୟ କର ରକ୍ତପାତ ନୁହେଁ। ଏହିଭଳି ବାର୍ତ୍ତା କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଦେଇଛନ୍ତି। ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ଋଷିଆ ଓ ୟୁକ୍ରେନକୁ ଏଭଳି ନିବେଦନ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଥିବା ବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟାପକ ଅଜୟ କୁମାର ରାଉତ କହିଥିଲେ ଯେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହେଉଛି। କିନ୍ତୁ ବିଶ୍ୱଯୁଦ୍ଧ ପାଇଁ ଶୀତଳ ଯୁଦ୍ଧ ଆରମ୍ଭ ହୋଇ ଯାଇଛି। ବିଭିନ୍ନ ଦେଶ ନିଜ ନିଜ ସପକ୍ଷ ଦେଶ ସହ ଯୋଗସୂତ୍ରରେ ଅଛନ୍ତି। ବର୍ତ୍ତମାନ ଦୁଇଟି ବଡ଼ ଗୋଷ୍ଠୀ ସୃଷ୍ଟି ହେଲେଣି। ଏହି ଦୁଇ ଗୋଷ୍ଠୀ ମଧ୍ୟରେ ଶୀତଳ ଯୁଦ୍ଧ ଲାଗି ରହିଛି। ଯଦି କୌଣସି ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ଉପରକୁ ଆକ୍ରମଣ କରେ ତାହା ହେଲେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବ। ଅଣୁ ଅସ୍ତ୍ର ସଜାଗ ରଖିବା ପାଇଁ ପରମାଣୁ ବୋମା ରଖିଥିବା ଦେଶଗୁଡିକ ନିଜ ନିଜର ସାମରିକ ବାହିନୀକୁ ଭିତିରିଆ ନିର୍ଦ୍ଦେଶ ଦେଇ ସାରିଲେଣି। ତେଣୁ ଏଭଳି ଏକ ପରିସ୍ଥିତିକୁ କୂଟନୈତିକ ସ୍ତରରେ ଆଲୋଚନା ମାଧ୍ୟମରେ ବନ୍ଦ କରାଯାଉ ବୋଲି ସେ କହିଥିଲେ। ସେହିପରି ଛାତ୍ରଛାତ୍ରୀମାନେ କହିଥିଲେ ଆମ ଦେଶର ହଜାର ହଜାର ଡାକ୍ତରୀ ଛାତ୍ରଛାତ୍ରୀ ୟୁକ୍ରେନରେ ଫସି ରହିଛନ୍ତି। ତୁରନ୍ତ ଭାରତୀୟ ଦୂତାବାସ ୟୁକ୍ରେନ ଦୂତାବାସ ସହ ଆଲୋଚନା କରି ସମସ୍ତ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣନ୍ତୁ। ବଙ୍କର ଭିତରେ ଅନେକ ଛାତ୍ରଛାତ୍ରୀ ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି। ସେମାନଙ୍କୁ ଠିକ ଭାବେ ଖାଇବାକୁ ମିଳୁନାହିଁ। ଜୀବନ ଓ ମୃତ୍ୟୁ ସହ ସେମାନେ ସଂଗ୍ରାମ କରୁଛନ୍ତି। ତେଣୁ ଏହି ଯୁଦ୍ଧର ଅବସାନ ହେବା ଆବଶ୍ୟକ ବୋଲି କହିଛନ୍ତି ସ୍କୁଲର ଛାତ୍ରଛାତ୍ରୀମାନେ।

## ପାରାଦୀପ ବନ୍ଦର ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ପାଳିତ

ପାରାଦୀପ -୦୪।୦୩- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ପାରାଦୀପ ଜୟଦେବ ସଦନ ଠାରୁ ବାହାରି ଗେଟ୍ ନମ୍ବର-୪ ନିକଟରେ ପହଂଚି ଥିଲା । ଏହି ଶୋଭାଯାତ୍ରାକୁ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଉପଲକ୍ଷେ ଏକ ସଚେତନତା ରଥ ବାହାରି ସହର ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ବନ୍ଦର ସି.ଇ.ଏମ୍.ଇ. ଏସ୍.କେ.ଦାସ, ଡେପୁଟି ସି.ଇ.ଏମ୍.ଇ. ପ୍ରମୁଖ ଉପସ୍ଥିତ ଥିଲେ ।

## କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା




କେନ୍ଦ୍ରାପଡ଼ା,୪।୩ : କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟରେ ଓଡିଆ ଭାଷା ସାହିତ୍ୟ ବିଭାଗ ବରିଷ୍ଠ ଅଧ୍ୟାପକ ବିରଜାନନ୍ଦ ମହାନ୍ତିଙ୍କ ସେବା ନିବୃତି ଉପଲକ୍ଷେ +୩ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ବିଶ୍ୱାଳ, ବ□ମାନର ଅଧ୍ୟକ୍ଷ ଗଙ୍ଗାଧର ସାହୁ, +୩ର ଅଧ୍ୟକ୍ଷ ମଧୁସୂଦନ କାମିଲା, ଅଧ୍ୟାପକ ଅଜୟ କୁମାର ଦାସ, ଶିଶିରକାନ୍ତ ମହାପାତ୍ର, ଡଃ. ମନୋରଞ୍ଜନ ରାଉତ, ଗିରିଜାକାନ୍ତ ଦାସ, ପୁରାତନ ଛାତ୍ର ବିଜୟ କୁମାର ବେହେରା, କଳ୍ପତରୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଉପସ୍ଥିତ ଛାତ୍ରଛାତ୍ରୀମାନେ ଗୁରୁଜୀଙ୍କ ଦ୍ୱାରା ଅନୁଷ୍ଠାନରେ ହୋଇଥିବା ମହତ୍ କାର୍ଯ୍ୟଗୁଡିକର ଅବତାରଣା କରିବା ସହ ତାଙ୍କ ଦୀର୍ଘ ଓ ସୁସ୍ଥ ନିରୋଗ ନିରାମୟ ଜୀବନ ପାଇଁ ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଅଧ୍ୟାପକ ଗିରିଜାକାନ୍ତ ଦାସ ସଭାକାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇଫକୋ ପକ୍ଷରୁ ୫୧ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ




ପାରାଦୀପ ,୪।୩(ପି.ଏନ): ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ୫୧ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଇଫକୋର କର୍ମଚାରୀ, ଅଧିକାରୀ, ଠିକାଦାର ଓ ସେମାନଙ୍କ ଅଧିନରେ କାମ କରୁଥିବା ଶ୍ରମିକମାନଙ୍କୁ ସୁରକ୍ଷିତ ଭାବେ କାର୍ଯ୍ୟ କରିବାକୁ ଇଫକୋ ପକ୍ଷରୁ ସଚେତନ କରାଯାଇଛି । ଇଫକୋ କେନ୍ଦ୍ର ସରକାରଙ୍କ ଗୃହ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ଆଦର୍ଶ କୋଭିଡ୍ ମାର୍ଗ ଦର୍ଶିକା ପାଳନ କରାଯାଇଛି । ମହାମାରୀ କରୋନା ସମୟରେ ଇଫକୋର ସମସ୍ତ କର୍ମଚାରୀ, ଅଧିକାରୀ, ଠିକାଦାର ଓ ସେମାନଙ୍କ ଅଧିନରେ କାମ କରୁଥିବା ଶ୍ରମିକମାନେ କୋଭିଡ୍ ଗାଇଡ୍ ଲାଇନ୍ ପାଳନ କରି ସୁରକ୍ଷିତ ରହିଛଁନ୍ତି । ଶୁକ୍ରବାର ଦିନ ଜାତୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସମାରୋହ ଇଫକୋ ପରିସରରେ ଆୟୋଜିତ ହୋଇଥିଲା । ରାଜ୍ୟ ସରକାରଙ୍କ ଫ୍ୟାକ୍ଟ୍ରି ଆଣ୍ଡ ବ୍ରୟଲର ବିଭାଗର ନିର୍ଦ୍ଦେଶକ ଡ.ଏନ.ତିରୁମାଲା ନାୟକ ମୁଖ୍ୟ ଅତିଥି ଭାବେ ଏହି ସମାରୋହରେ ଯୋଗ ଦେଇଥିଲେ । ଜିଲ୍ଲାପାଳ ପାରୁଲ ପଟଓାରୀ,ନିମନ୍ତ୍ରିତ ଅତିଥି ଭାବେ ଫ୍ୟାକ୍ଟ୍ରି ଆଣ୍ଡ ବ୍ରୟଲର ବିଭାଗର ଉପ-ନିର୍ଦ୍ଦେଶକ ଏମ୍.କେ. ପଣ୍ଡା, କଟକ ଡିଭିଜନର ଫ୍ୟାକ୍ଟ୍ରି ଆଣ୍ଡ ବ୍ରୟଲର ବିଭାଗର ଉପ-ନିର୍ଦ୍ଦେଶକ ଏ.କେ.ନାୟକ, ପାରାଦୀପ ଡିଭିଜନର ଫ୍ୟାକ୍ଟ୍ରି ଆଣ୍ଡ ବ୍ରୟଲର ବିଭାଗର ସହକାରୀ ନିର୍ଦ୍ଦେଶକ ସି.କେ.ଦଳାଇଙ୍କ ସମେତ ଇଫକୋର କର୍ମଚାରୀ, ଅଧିକାରୀ ଓ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଇଫକୋର ଉତ୍ପାଦନ,ପରିବେଶ ଓ ସୁରକ୍ଷା ବିଭାଗର ସାଧାରଣ ପ୍ରବନ୍ଧକ ଆର.କେ.ପାଣ୍ଡେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଇଫକୋର ୟୁନିଟ୍ ହେଡ୍ କେ.ଜେ.ପଟେଲ୍ ସମସ୍ତଙ୍କୁ କାର୍ଯ୍ୟ ସମୟରେ ସୁରକ୍ଷା ଉପକରଣ ପରିଧାନ ବାଧ୍ୟତାମୂଳକ ଭାବେ କରିବାକୁ ଉପଦେଶ ଦେଇଥିଲେ । ଅଗ୍ନି ନିର୍ବାପନ ଓ ସୁରକ୍ଷା ଉପରେ ଏକ ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା । ଇଫକୋର ଯୁଗ୍ମ ସାଧାରଣ ପ୍ରବନ୍ଧକ ଆର୍.କେ.ସ୍ୱାଇଁ ଆଗାମୀ ବର୍ଷ ଦୂର୍ଘଟଣା ମୁକ୍ତ ବର୍ଷ ହେବା ନିମନ୍ତେ କାମନା କରିଥିବା ଇଫକୋ ପକ୍ଷରୁ ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଛନ୍ତି ଇଫକୋର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା ।

## ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ୫୧ତମ ଜାତୀୟ ସୁରକ୍ଷା ସପ୍ତାହ ପ୍ରାରମ୍ଭ




ଅନୁଗୋଳ , (ପି.ଏନ): ୫୧ତମ ଜାତୀୟ ସୁରକ୍ଷା ସପ୍ତାହରପ୍ରାରମ୍ଭ ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ତାହାର ବୃହତ ଷ୍ଟିଲ ପରିଯୋଜନା ପରିସରରେ ଅନେକ ଗୁଡିଏ ସୁରକ୍ଷା ସମ୍ବନ୍ଧିତ ଅଭ୍ୟାସ ଏବଂ ଉପାୟକୁ ନେଇ ଏହି ସୁରକ୍ଷା ସପ୍ତାହ ଆରମ୍ଭ କରିଅଛିକ୍ଷ ଏଥି ମଧ୍ୟରେ ବିଭିନ୍ନ କାର୍ଯ୍ୟ ଯଥା, କର୍ମଚ଼ାରୀ, ଶ୍ରମଜୀବୀ ଏବଂ ଗୋଷ୍ଠୀ ସମୁଦାୟକୁ ସୁରକ୍ଷିତ ଅଭ୍ୟାସ ବିଷୟରେ ସଚେତନ କରାଇବା ଅନ୍ୟତମ ଅଟେ କ୍ଷ ଆଜିର ଏହି ସୁରକ୍ଷା ସପ୍ତାହ ପାଳନର ପ୍ରଥମ ଦିବସରେ ଫାକ୍ଟ୍ରିସ ଆଣ୍ଡ ବଏଲର୍ସ ବିଭାଗର ସହ-ନିର୍ଦ୍ଦେଶିକା ଶ୍ରୀମତୀ ଅର୍ଚ୍ଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଜେଏସପିଏଲ ଅନୁଗୋଳ ପ୍ରକଳ୍ପ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ହୃଦୟେଶ୍ୱର ଝା,ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଦାମୋଦର ମିତ୍ତଲ, ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସବ୍ୟସାଚ଼ୀ ବନ୍ଦୋପାଧ୍ୟାୟ,ଫାକ୍ଟରୀ ମ୍ୟାନେଜର ଶ୍ରୀ ଅତୁଲ ଦୂବେଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ତଥା କର୍ମଚ଼ାରୀ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ହୃଦୟେଶ୍ୱର ଝା କହିଛନ୍ତି ଯେ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଏହାର କର୍ମଚ଼ାରୀ ଏବଂ ଶ୍ରମଜୀବୀଙ୍କ ପାଇଁ ସର୍ବୋତ୍ତମ ସୁରକ୍ଷା ପ୍ରଥାକୁ ଆପଣାଇଛି କ୍ଷସୁରକ୍ଷା ଆମ୍ଭର ମୂଳ ନୀତି ଏବଂ ଜେଏସପି ଅନୁଗୋଳକୁ ଏକ ସୁରକ୍ଷିତ କାର୍ଯ୍ୟସ୍ଥଳୀ କରିବା ନିମନ୍ତେ ଆମ୍ଭ ? ସମସ୍ତେ ଦାୟିତ୍ୱବାନ ହେବାକୁ ପଡିବ ବୋଲି ପ୍ରକାଶ କରିଥିଲେ । ଶ୍ରୀ ଦାମୋଦର ମିତ୍ତଲ ରେକର୍ଡ ଉତ୍ପାଦନ ନିମନ୍ତେ ସମସ୍ତ କର୍ମଚ଼ାରୀଙ୍କୁ ଅଭିନନ୍ଦନ ଜଣାଇବା ସହସମସ୍ତେ ନିଜର ଦୈନନ୍ଦିନ ଜୀବନରେ ସୁରକ୍ଷାକୁ ଗୁରୁତ୍ୱର ସହ ଗ୍ରହଣ କରିବା ଆବଶ୍ୟକ ବୋଲିପ୍ରକାଶ କରିଥିଲେ ।ସେହିପରି ଶ୍ରୀ ସବ୍ୟସାଚ଼ୀ ବନ୍ଦୋପାଧ୍ୟାୟ ମଧ୍ୟ ସୁରକ୍ଷା ପ୍ରତି ସମସ୍ତଙ୍କଧ୍ୟାନ ଆକର୍ଷଣ କରିବା ସହ କର୍ମସ୍ଥଳୀରେ ସୁରକ୍ଷା ଉପକରଣର ବ୍ୟବହାର ଦ୍ୱାରା କାର୍ଯ୍ୟସ୍ଥଳୀରେ ଦୁର୍ଘଟଣାକୁ ଏଡାଇ ହେବ ବୋଲି ପ୍ରକାଶ କରିଥିଲେ । ଶ୍ରୀ ଅତୁଲ ଦୂବେ, ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ଜେଏସପି ମ୍ୟାନେଜମେଣ୍ଟ ସ୍ୱାସ୍ଥ୍ୟ,ସୁରକ୍ଷା ଏବଂ ସମସ୍ତଙ୍କ ନିରାପତ୍ତା ନିମନ୍ତେ ସମ୍ପୂର୍ଣ ପ୍ରତିଶୃତିବଦ୍ଧ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଏକ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଥିଲା ଯେଉଁଥିରେ ମୁଖ୍ୟ ଅତିଥି ଶ୍ରୀମତୀ ଦାସ , ନିର୍ବାହୀ ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ମାନେ ଅଂଶ ଗ୍ରହଣ କରିଥିଲେ କ୍ଷ ଏହି ଅବସରରେ ଏକ ସୁରକ୍ଷା ରଥକୁ ଶ୍ରୀମତୀ ଦାସ ଏବଂ ଶ୍ରୀ ଝା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ,ଯାହାସମଗ୍ର ପ୍ଲାଣ୍ଟ ପରିସରରେ ସୁରକ୍ଷା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବ କ୍ଷ ଏହି ସବୁ କାର୍ଯ୍ୟକ୍ରମ ୧୦ ମାର୍ଚ୍ ୨୦୨୨ ପର୍ଯ୍ୟନ୍ତ ଚ଼ାଲୁ ରହିବ ।

## ସ୍ୱାଧୀନତାର ୭୫ ବର୍ଷ ପରେ ବାରିପଦା ପୌରପରିଷଦ ଅଧିନରେ ଥିବା ମହାରାଜପୁର ରାଜସ୍ୱ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ

ବାରିପଦା ,(ପି.ଏନ): ମହାରାଜପୁର ରାଜସ୍ୱ ଗ୍ରାମ ବାରିପଦା ପୌରପରିଷଦର ୨୭ ନଂ ୱାର୍ଡ ଅଧିନରେ ଆସୁଛି । ମହାରାଜପୁର ଗ୍ରାମରେ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ, ମୟୂରଭ ସାଇନ୍ସ ହାୟାର ସେକେଣ୍ଡାରୀ ସ୍କୁଲ ଓ ଅନ୍ୟାନ୍ୟ ପ୍ରାଥମିକ ବିଦ୍ୟାଳୟମାନ ରହିଅଛି । ବିଭିନ୍ନ ପ୍ରକାର ପ୍ରକଳ୍ପ ନିମନ୍ତେ ଜିଲ୍ଲା ପ୍ରଶାସନ ସରକାରୀ ଜମି ମଧ୍ୟ ବାଛିଛନ୍ତି । ମହାରାଜପୁର ଦେଇ ଯାଇଥିବା ପି.ଡବ୍ଲୁ.ଡି ରାସ୍ତା ଇନ୍ଦପାହିରେ ଥିବା ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ବେଳେ ଅନ୍ୟ ଗୋଟିଏ ରାସ୍ତା ଲକ୍ଷ୍ମୀପୋଷି ଇରିଗେସନ ପ୍ରଜେକ୍ଟ, କେନ୍ଦ୍ରୀୟ ବିଦ୍ୟାଳୟ, ମୟୂରଭ ସ୍କୁଲ ଅଫ୍ ଇଂଜିନିୟରିଂକୁ ଯାଇଥିବା ରାସ୍ତାକୁ ସଂଯୋଗ କରୁଛି । କିନ୍ତୁ ମହାରାଜାପୁର ପି.ଡବ୍ଲୁ.ଡି ରାସ୍ତା ତକତପୁର-ବିଶ୍ୱବିଦ୍ୟାଳୟ ରାସ୍ତାକୁ ସଂଯୋଗୀକରଣ କରାଯାଇ ନ ଥିବାରୁ ଗାଁ ଲୋକ ଓ ଛାତ୍ରଛାତ୍ରୀମାନେ ବର୍ଷା ଦିନରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏମ.ପି.ସି. ସ୍ୱୟଂଶାସିତ ମହାବିଦ୍ୟାଳୟ ଦେଇ ମହାରାଜପୁରକୁ ଲୋକମାନେ ଯିବା ଆସିବା କରୁଥିବା ବେଳେ, ଅନ୍ୟ ଗୋଟିଏ ରାସ୍ତା ତକତପୁର ଡି.ଆଇ.ସି. କାର୍ଯ୍ୟାଳୟ ନିକଟରେ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି । ଉଭୟ ରାସ୍ତା ମାଟି ରାସ୍ତା, ଖାଲ ଢିପରେ ପୂର୍ଣ୍ଣ । ତେଣୁ ୨ ଚକିଆ ଓ ୪ ଚକିଆ ଯାନ ବ୍ୟବହାର ନିମନ୍ତେ ଉପଯୋଗୀ ନୁହେଁ । ସେହିପରି ମହାରାଜପୁର ପି.ଡବ୍ଲୁ.ଡି ରାସ୍ତା ଗୋଟିଏ ଖାଳ ଉପର ଦେଇ ଯାଇଛି, ଯାହା ଉପରେ କର୍ଲଭଟ ନିର୍ମାଣ କରାଯାଇଛି । କିନ୍ତୁ ବର୍ଷା ଦିନ ପାଣିରେ ସେହି ପୋଲଟି ପୁରା ବୁଡିଯାଏ । ତେଣୁ ଲୋକମାନେ ଯିବା ଆସିବା କରି ପାରନ୍ତି ନାହିଁ । ଏହି ଖାଳ ଉପରେ ପି.ଡବ୍ଲୁ.ଡି ତରଫରୁ ଗୋଟିଏ ସ୍ଥାୟୀ ପୋଲ ନିର୍ମାଣ ନିମନ୍ତେ ବହୁ ଦିନରୁ ଦାବୀ ହୋଇ ଆସୁଛି । ମହାରାଜପୁର ପି.ଡବ୍ଲୁ.ଡି ରାସ୍ତାଟିକୁ ତକତପୁର ବିଶ୍ୱବିଦ୍ୟାଳୟ ମୁଖ୍ୟ ରାସ୍ତା ସହିତ ସଂଯୋଗୀକରଣ ନିମନ୍ତେ ମହାରାଜପୁର ଗ୍ରାମବାସୀ ବହୁ ବର୍ଷ ପୂର୍ବରୁ ଜିଲ୍ଲାପାଳଙ୍କୁ ପି.ଜି.ସେଲରେ ଦାବୀ ପତ୍ର ପ୍ରଦାନ କରିଥିଲେ ଏବଂ ଜିଲ୍ଲାପାଳ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବାରିପଦା ପୌରପରିଷଦକୁ ଦାୟୀତ୍ୱ ଦେଇଥିଲେ । ତତ୍କାଳୀନ ପୌରାଧିକାରୀ ଉକ୍ତ ଆବେଦନ ଉପରେ ତଦନ୍ତ କରାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ରାସ୍ତାଟି ନିର୍ମାଣ କରାଯାଇନାହିଁ । ରାସ୍ତାଟିକୁ ତକତପୁର ମୁଖ୍ୟ ରାସ୍ତା ସହିତ ସଂଯୋଗୀକରଣ ନିମନ୍ତେ ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ ପି.ଡବ୍ଲୁ.ଡି ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ପି.ଡବ୍ଲୁ.ଡି ତରଫରୁ କୌଣସି କାର୍ଯ୍ୟ କରାଯାଇ ନାହିଁ । ରାଜ୍ୟ ସରକାର ଏହି ବର୍ଷ ବଜେଟରେ ଅର୍ଥ ବନ୍ଦୋବସ୍ତ କଲେ ମହାରାଜପୁର ପି.ଡବ୍ଲୁ.ଡି ରାସ୍ତା ଉପରେ ଥିବା କଲଭଟ ସ୍ଥାନରେ ପୋଲ ନିର୍ମାଣ ଓ ରାସ୍ତାଟିକୁ ତକତପୁର ବିଶ୍ୱବିଦ୍ୟାଳୟ ରାସ୍ତା ସହିତ ସଂଯୋଗ ହୋଇପାରିବ ବୋଲି ବାରିପଦାର ପୂର୍ବତନ ବିଧାୟକ ତଥା ସଚେତନ ନାଗରିକ ମଞ୍ଚ ସଭାପତି କିଶୋର ଦାଶ କହିଛନ୍ତି । ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ମହାରାଜପୁର ପି.ଡବ୍ଲୁ.ଡି ରାସ୍ତାର ସଂଯୋଗୀକରଣ ନିମନ୍ତେ ଦୃଷ୍ଟି ଦେବାକୁ ସଚେତନ ନାଗରିକ ମଞ୍ଚ ଉପସଭାପତି ଶରତ ନାୟକ, ସାଧାରଣ ସମ୍ପାଦକ ପ୍ରଦୀପ ନାୟକ ଦାବୀ କରିଛନ୍ତି ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray